RNI No.ODIODI/2010/33031
୧୭ ବର୍ଷ Volume-17
ISSUE -216 ସଂଖ୍ୟା-୨୧୬
ଭୁବନେଶ୍ୱର, ଶୁକ୍ରବାର ୧୩ ନଭେମ୍ବର ୨୦୨୬
Bhubaneswar, Friday 13 November, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



ମହଙ୍ଗା ମାଡ଼: ଆରବିଆଇ ସୀମା ରେଖା ଡେଇଁଲା ମୁଦ୍ରାସ୍ଫୀତି

ନୂଆଦିଲ୍ଲୀ, ୧୨।୧୧(ନି.ପ୍ର.): ଦେଶରେ ନିତ୍ୟଦିନ ବ୍ୟବହାର ହେଉଥିବା ଜିନିଷ ଗୁଡ଼ିକର ଦର ବଢ଼ିବାରେ ଲାଗିଛି। ମହଙ୍ଗା ମାଡ଼ରେ ଆଉଟ ପାଉଟ ଲୋକ। ଲୋକଙ୍କ ମାସିକ ଗ୍ରୋସରୀ ବିଲ୍ ଆଗକୁ ଆହୁରି ବଢ଼ିବ। ସ୍ଥିତି ଏପରି ହୋଇଛି ଯେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ଆରବିଆଇର ସୁରକ୍ଷିତ ସୀମାକୁ ମଧ୍ୟ ଅତିକ୍ରମ କରାଯାଇଛି।

ଅକ୍ଟୋବରରେ ଭାରତର ଖୁଚୁରା ମୁଦ୍ରାସ୍ଫୀତି ୬.୦୯% ଛୁଇଁଛି। ସେପ୍ଟେମ୍ବରରେ ମୁଦ୍ରାସ୍ଫୀତି ୫.୫୪% ରହିଥିଲା। ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି ଯୋଗୁ ଅକ୍ଟୋବର ମାସରେ ମୁଦ୍ରାସ୍ଫୀତି ରେକର୍ଡ ସ୍ତରରେ ପହଞ୍ଚି ଯାଇଛି।

ଗ୍ରାହକ ଦର ସୂଚକାଙ୍କ(ସିପିଆଇ) ଭିତ୍ତିକ ମୁଦ୍ରାସ୍ଫୀତି ଅକ୍ଟୋବରରରେ ୬.୦୫% ରହିଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ମୁଦ୍ରାସ୍ଫୀତି ଉପରେ ସବୁଠାରୁ ବଡ଼ ଚାପ ଖାଦ୍ୟ ସାମଗ୍ରୀ ଦର ବୃଦ୍ଧିର ପଡ଼ିଛି। ଖାଦ୍ୟ ମୁଦ୍ରାସ୍ଫୀତି ସିଧା ୮.୯୪% ରହିଛି। ଖାଦ୍ୟ ସହ ପାନୀୟ ମୁଦ୍ରାସ୍ଫୀତିକୁ ଦେଖିଲେ ଏହା ସିଧା ୮.୫୧%ରେ ପହଞ୍ଚି ଯାଇଛି। ସେପ୍ଟେମ୍ବରରେ ଏହା ୭.୩୬% ରହିଥିଲା।

ପିଆଜ, ରସୁଣ ଓ ଅଦା ଭଳି ସବୁ ଜିନିଷ ମହଙ୍ଗା ହୋଇଛି। ପରିବହନ ମୁଦ୍ରାସ୍ଫୀତି ଅକ୍ଟୋବରରେ ୫.୮୪% ରହିଥିବାରୁ ଲୋକଙ୍କ ଘର ଖର୍ଚ୍ଚକୁ ମଧ୍ୟ ଏହା ପ୍ରଭାବିତ କରିଛି। ସର୍ବାଧିକ



ଦରବୃଦ୍ଧି ବ୍ୟକ୍ତିଗତ ଯତ୍ନ ସାମଗ୍ରୀ ଓ ରେଷ୍ଟୁରାଣ୍ଟ ସେବାରେ ଦେଖିବାକୁ ମିଳିଛି। ବ୍ୟକ୍ତିଗତ ଯତ୍ନ ସାମଗ୍ରୀର ମୁଦ୍ରାସ୍ଫୀତି ୧୦.୧୪% ଓ ରେଷ୍ଟୁରାଣ୍ଟ ସେବାର ମୁଦ୍ରାସ୍ଫୀତି ୧୦.୦୬% ରହିଛି। ପାନ, ତମାଖୁ ଓ ନିଶାଦ୍ରବ୍ୟ ମୁଦ୍ରାସ୍ଫୀତି ସେପ୍ଟେମ୍ବରରେ ୪.୮୦% ଥିବା ବେଳେ ଅକ୍ଟୋବରରେ ୪.୯୩% କୁ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳରେ ଏହା ୪.୭୦% ଓ ସହରାଞ୍ଚଳ ୫.୪୨% ରହିଛି।କପଡ଼ା ଓ ଜୋତା ମୁଦ୍ରାସ୍ଫୀତି ଅକ୍ଟୋବରରେ ୪.୯୬% ହୋଇଛି। ଗୃହ, ଜଳ, ବିଦ୍ୟୁତ୍ ଓ ଇନ୍ଧନ ମୁଦ୍ରାସ୍ଫୀତି ୨.୯୦%, ଘରୋଇ ଉପକରଣ ଓ ରକ୍ଷଣାବେକ୍ଷଣ ମୁଦ୍ରାସ୍ଫୀତି ୩.୯୪%, ସ୍ୱାସ୍ଥ୍ୟ ମୁଦ୍ରାସ୍ଫୀତି ୧.୪୦%, ସୂଚନା ଓ ଯୋଗାଯୋଗ ମୁଦ୍ରାସ୍ଫୀତି ୩.୧୬%, ମନୋରଞ୍ଜନ, କ୍ରୀଡ଼ା ଓ ସଂସ୍କୃତି ମୁଦ୍ରାସ୍ଫୀତି ଅକ୍ଟୋବରରେ ୨.୫୨% ରହିଛି।

ସିପିଆଇ (ଗ୍ରାହକ ଦର ସୂଚକାଙ୍କ) ମୁଦ୍ରାସ୍ଫୀତି ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ସବୁବେଳେ ୨ରୁ ୬% ରଖିବା ଉପରେ ଗୁରୁତ୍ୱ ଦେଇଥାଏ। ଏହାଦ୍ୱାରା ଅର୍ଥନୀତି ଉପରେ ଦରଦାମ ବୃଦ୍ଧିର ପ୍ରଭାବ କମ ହୁଏ। ଅକ୍ଟୋବର ମାସରେ ଆରବିଆଇର ଧାର୍ଯ୍ୟ ସୀମା ଅତିକ୍ରମ କରି ଯାଇଛି। ଖାଦ୍ୟ ସାମଗ୍ରୀ ଦରଦାମ ବୃଦ୍ଧି ଯୋଗୁ ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି। କାରଣ ଏହା ସିପିଆଇ ବାସ୍କଟ ଉପରେ ପ୍ରଭାବ ପକାଇଥାଏ।

କଟକରେ ୨୪୦୦ ମେଗାୱାଟ୍‌ର ବିଶାଳ ପାୱାର ପ୍ଲାଣ୍ଟ

କଟକ, ୧୨।୧୧(ନି.ପ୍ର.): ଓଡ଼ିଶାରେ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଆସିବାକୁ ଯାଉଛି ଏକ ବଡ଼ ପରିବର୍ତ୍ତନ। କଟକ ଜିଲ୍ଲାରେ ୨,୪୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ବିଶାଳ ତାପଜ ବିଦ୍ୟୁତ୍ ପ୍ରକଳ୍ପ ସ୍ଥାପନ କରିବାକୁ ଯୋଜନା କରିଛି ଆଦାନୀ ପାୱାର ଲିମିଟେଡ୍। ଏଥିପାଇଁ କମ୍ପାନି ପ୍ରାୟ ୩୦,୧୮୧ କୋଟି ଟଙ୍କା ନିବେଶ କରିବ। ତେବେ ଏହି ପ୍ରକଳ୍ପକୁ ନେଇ ଯେତିକ ଆଶା ବଢ଼ିଛି, ସେତିକି ଗୁରୁତ୍ୱପୂର୍ଣ୍ଣ ହୋଇଛି ମହାନଦୀର ଜଳ ବ୍ୟବହାର ଓ ପରିବେଶ ଉପରେ ଏହାର ପ୍ରଭାବ।

ପ୍ରସ୍ତାବିତ ଏହି ପ୍ରକଳ୍ପର ନାମ ରହିଛି 'ନୀଳାଞ୍ଚଳ ଅଲଟ୍ରା ସୁପର କ୍ରିଟିକାଲ୍ ଥର୍ମାଲ୍ ପାୱାର ପ୍ଲାଣ୍ଟ'। କଟକ ଜିଲ୍ଲାର ରାହାଙ୍ଗୋଲ ଓ କନ୍ଦରେଇ ଗ୍ରାମରେ ଏହା ସ୍ଥାପନ ହେବାକୁ ଯୋଜନା ରହିଛି। ଏହି ପ୍ଲାଣ୍ଟରେ ୮୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ତିନୋଟି ୟୁନିଟ୍ ରହିବ। ପ୍ରକଳ୍ପ ପାଇଁ ମୋଟ ୩୩୧.୪୯ ହେକ୍ଟର ଜମି ଆବଶ୍ୟକ ହେବ।

ଏତେ ବଡ଼ ବିଦ୍ୟୁତ୍ ପ୍ରକଳ୍ପ ଚଳାଇବା ପାଇଁ ବିପୁଳ ପରିମାଣର କୋଇଲା ଓ ଜଳ ଆବଶ୍ୟକ ହେବ। ଆକଳନ ଅନୁସାରେ, ପ୍ରକଳ୍ପ ପାଇଁ ପ୍ରତିବର୍ଷ ପ୍ରାୟ ୯୬.୭ ଲକ୍ଷ ଟନ୍ କୋଇଲା ଆବଶ୍ୟକ ପଡ଼ିବ। ସେହିପରି ବର୍ଷକୁ ପ୍ରାୟ ୪୨ ନିୟୁତ ଘନମିଟର ଜଳର ଆବଶ୍ୟକତା ରହିଛି। ଏଥିପାଇଁ ମହାନଦୀରୁ ଜଳ ନେବାକୁ କମ୍ପାନି ରାଜ୍ୟ ଜଳସମ୍ପଦ ବିଭାଗ ନିକଟରେ ଆବେଦନ କରିଛି। ପ୍ରକଳ୍ପ ସ୍ଥଳ ମହାନଦୀଠାରୁ ପ୍ରାୟ ୯ କିଲୋମିଟର ଦୂରରେ ଅବସ୍ଥିତ। ତେବେ ଦୀର୍ଘକାଳୀନ ଭାବେ ମହାନଦୀରୁ ଏତେ ପରିମାଣର ଜଳ ନେବା ସମ୍ଭବ କି ନାହିଁ, ତାହା ଉପରେ ଅଧିକ ଅଧ୍ୟୟନ ଚାଲିଛି।

ପ୍ରକଳ୍ପ ପାଇଁ ମୋଟ ଜମି ମଧ୍ୟରୁ ୩୧୫.୫୧ ହେକ୍ଟର ଅଣଜଙ୍ଗଲ ଜମି ଓ ୧୫.୯୮୪ ହେକ୍ଟର ଜଙ୍ଗଲ ଜମି ରହିଛି। ପରିବେଶ ଉପରେ ପ୍ରକଳ୍ପର ସମ୍ଭାବ୍ୟ ପ୍ରଭାବ ଆକଳନ ପାଇ ଇଆଇଏ ରପୋର୍ଟ ପ୍ରସ୍ତୁତ ହୋଇଛି।

ପରିବେଶ ସୁରକ୍ଷା ଓ ପରିଚାଳନା ବ୍ୟବସ୍ଥା ପାଇଁ ୧,୯୦୮ କୋଟି ଟଙ୍କା ବ୍ୟୟ ବରାଦ ରହିଛି। ଏଥିସହ ପରିବେଶ ପରିଚାଳନା ବ୍ୟବସ୍ଥାର ରକ୍ଷଣାବେକ୍ଷଣ ପାଇଁ ପ୍ରତିବର୍ଷ ୮୨ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା ରହିଛି।

ଏହି ପ୍ରକଳ୍ପକୁ ନେଇ ପରିବେଶ ମଞ୍ଜୁରୀ ପ୍ରକ୍ରିୟା ଆରମ୍ଭ ହୋଇଛି। ଜନସାଧାରଣଙ୍କ ମତାମତ, ଅଭିଯୋଗ ଓ ପରାମର୍ଶ ଗ୍ରହଣ କରିବା ପାଇଁ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଜନଶୁଣାଣି ନୋଟିସ୍ ଜାରି କରାଯାଇଛି। ଆସନ୍ତା ଡିସେମ୍ବର ୧୮ରେ ଏହି ଜନଶୁଣାଣି ଅନୁଷ୍ଠିତ ହେବ।

ଜନଶୁଣାଣି ଓ ପରିବେଶ ମୂଲ୍ୟାଙ୍କନ ପରେ ପରବର୍ତ୍ତୀ ଆଇନଗତ ଏବଂ ନିୟାମକ ପ୍ରକ୍ରିୟା ଆଗକୁ ବଢ଼ିବ। ତେଣୁ ଏହି ବୃହତ୍ ପ୍ରକଳ୍ପ କଟକ ତଥା ଓଡ଼ିଶାର ବିଦ୍ୟୁତ୍ କ୍ଷେତ୍ରକୁ କେତେ ମଜଭୁତ କରିବ ଏବଂ ମହାନଦୀ ଓ ସ୍ଥାନୀୟ ପରିବେଶ ଉପରେ ଏହାର କି ପ୍ରଭାବ ପଡ଼ିବ, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

ଏୟାର ଇଣ୍ଡିଆ ବିମାନକୁ ହାଇଜ୍ୟାକ୍ ଧମକ

କୋଲକାତା, ୧୨।୧୧(ନି.ପ୍ର.): କୋଲକାତାରୁ ମୁମ୍ବାଇ ଯାଉଥିବା ଏୟାର ଇଣ୍ଡିଆ ବିମାନକୁ ହାଇଜ୍ୟାକ୍ କରିବାକୁ ମିଳିଥିବା ଧମକ ମାମଲାରେ ଜଣଙ୍କୁ ଗିରଫ କରାଯାଇଛି । ହାଇଜ୍ୟାକ୍ ମାମଲାରେ ଜଣେ ଯାତ୍ରୀଙ୍କୁ ଗିରଫ କରାଯାଇଥିବା ନେଇ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତରାଷ୍ଟ୍ରୀୟ ବିମାନବନ୍ଦର ପକ୍ଷରୁ ଗୁରୁତ୍ୱାର ଏକ ପ୍ରେସ ବିବୃତ୍ତି ଜାରି କରାଯାଇ ସୂଚନା ପ୍ରଦାନ କରାଯାଇଛି। ଗିରଫ ଯାତ୍ରୀକୁ ଏୟାରପୋର୍ଟ ଥାନାକୁ ହସ୍ତାନ୍ତର କରାଯାଇଛି । ତେବେ ତାଙ୍କର ନାମ ଓ ପରିଚୟ ସମ୍ପୂର୍ଣ୍ଣ ଗୋପନୀୟ ରଖାଯାଇଛି । କାହିଁକି ଏଭଳି ଧମକ ଦେଇଥିଲେ ସେ ନେଇ କୌଣସି ବିସ୍ତୃତ ସୂଚନା ଦିଆଯାଇ ନାହିଁ । ବୁଧବାର ସକାଳେ ଏୟାର ଇଣ୍ଡିଆ ବିମାନ ଏଆଇ ୨୭୭୨ କୋଲକାତାରୁ ମୁମ୍ବାଇ ଅଭିମୁଖେ ଯାତ୍ରା ଆରମ୍ଭ କରିବାକୁ ଥିବାବେଳେ ବିମାନ ଶୌଚାଳୟ ଭିତରେ ଏକ ହାଇଜ୍ୟାକ୍ କରିବା ଧମକ ପୂର୍ଣ୍ଣ ଚିଠି ମିଳିଥିଲା । ସକାଳ ୧୦.୩୭ ସମୟରେ କ୍ୟାବିନ୍ କ୍ରୁ ସଦସ୍ୟ ଏହାକୁ ଦେଖିବା ପରେ ତୁରନ୍ତ ସୂଚନା ଦେଇଥିଲେ । ସୁରକ୍ଷା ଦୃଷ୍ଟିରୁ ଉଡ଼ାଣକୁ ବାତିଲ କରି ସମସ୍ତ ଯାତ୍ରୀଙ୍କୁ ବାହାର କରାଯାଇଥିଲା । ସେତେବେଳେ ବିମାନରେ ୧୦୫ ଜଣ ଯାତ୍ରୀ ଥିଲେ । ଯାଞ୍ଚ ସମୟରେ କୌଣସି ସନ୍ଦିଗ୍ଧ ସାମଗ୍ରୀ ମିଳିନଥିଲା । ସମସ୍ତ ସୁରକ୍ଷା ଯାଞ୍ଚ ସରିବା ପରେ ପୁଣି ଥରେ ନିର୍ଦ୍ଧାରିତ ସମୟର ୭ ଘଣ୍ଟା ପରେ ବିମାନଟି ଯାତ୍ରା ଆରମ୍ଭ କରିଥିଲା । ସନ୍ଧ୍ୟା ପ୍ରାୟ ୫ଟା ୩୮ ରେ ଉକ୍ତ ବିମାନଟି ମୁମ୍ବାଇ ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିଲା ।

ବୃଦ୍ଧି ପାଉଛି ଆତଙ୍କୀ କାର୍ଯ୍ୟକଳାପ

ଶ୍ରୀନଗର୧୨।୧୧(ନି.ପ୍ର.):: ପୁଣି ଥରେ ସୀମାରେ ସକ୍ରିୟ ଉଠିଛି ଆତଙ୍କବାଦୀ ନେଟୱାର୍କ । ବିଗତ କିଛି ଦିନ ମଧ୍ୟରେ ଏକାଧିକ ଘଟଣା ସାମ୍ନାକୁ ଆସିଲାଣି । ଗତକାଲି କୁଲଗାମରେ ଏକ ଆତଙ୍କବାଦୀ ଆକ୍ରମଣ ହୋଇଥିବାବେଳେ କିଷ୍ଟୱାଡ଼ାରେ ନିଖୋଜ ହୋଇଯାଇଥିବା ୨ ଜଣ ବିଶେଷ ପୋଲିସ ଅଧିକାରୀ (ଏସପିଓ)ଙ୍କ ମୃତ ଦେହ ଉଦ୍ଧାର ହୋଇଛି । ମୃତ ଏସପିଓ ହେଲେ ୪୫ ବର୍ଷୀୟ ରଶପାଲ କୁମାର, ବେଲ୍ଟ ନମ୍ବର ୬୫ ଏବଂ ୫୬ ବର୍ଷୀୟ ବାବୀ ଚନ୍ଦ ବେଲ୍ଟ ନଂ ୯୨୦ । ଉଭୟଙ୍କ ଶବ ଦୂରଦରାଜର ଦଚ୍ଛନ ଅଞ୍ଚଳରୁ ଜବତ ହୋଇଛି । ଗତକାଲିଠାରୁ ସେମାନେ ନିଖୋଜ ଥିବାବେଳେ ଗୁରୁବାର ସକାଳୁ ସେମାନଙ୍କ ଗୁଳିବିଦ୍ଧ ମୃତ ଦେହ ଉଦ୍ଧାର କରାଯାଇଛି । ଉଭୟଙ୍କ ପାଖରେ ଥିବା ସର୍ଭିସ୍ ବନ୍ଧୁକ ମିଳି ନାହିଁ । କେହି ଗାଏବ କରି ଦେଇଥିବା ଅନୁମାନ କରାଯାଉଛି । ଏହା ପଛରେ ଆତଙ୍କବାଦୀଙ୍କ ହାତ ଥିବା ସନ୍ଦେହ କରାଯାଉଛି । ତେବେ ଏ ନେଇ ତଦନ୍ତ ଆରମ୍ଭ ହୋଇଛି ।

ବଢ଼ିଲା ବସ୍ ଭଡ଼ା

ଭୁବନେଶ୍ୱର, ୧୨।୧୧(ନି.ପ୍ର): ପ୍ରାୟ ୫ମାସର ବ୍ୟବଧାନରେ ପୁଣିଥରେ ରାଜ୍ୟରେ ବସ୍ ଯାତ୍ରା ମହଙ୍ଗା ହେଲା। ରାଜ୍ୟରେ ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ବସଗୁଡ଼ିକର ଆଜି ଆନୁଷ୍ଠାନିକ ଭଡ଼ା ବୃଦ୍ଧି ହୋଇଛି। ସବୁ ବର୍ଗର ବସଗୁଡ଼ିକରେ କିମି ପିଛା ୮ପଇସାରୁ ୬୮ପଇସା ପର୍ଯ୍ୟନ୍ତ ଭଡ଼ା ବଢ଼ିଛି। ଶେଷଥର ପାଇଁ ଜୁନ୍ ମାସରେ ରାଜ୍ୟରେ ଯାତ୍ରାବାହୀ ବସ୍ ଭଡ଼ା ବୃଦ୍ଧି ହୋଇଥିଲା।

ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ରାଜ୍ୟରେ ବିଭିନ୍ନ ବର୍ଗର ଯାତ୍ରୀବାହୀ ବସ୍ ଭଡ଼ାରେ କିମି ପିଛା ୮ ପଇସାରୁ ୬୮ ପଇସା ପର୍ଯ୍ୟନ୍ତ ବୃଦ୍ଧି ଘଟିଛି ଓ ଦୁଇଟି ନୂଆ ବର୍ଗର ବସଭଡ଼ାକୁ ମଧ୍ୟ ସାମିଲ କରାଯାଇଛି। ବିଜ୍ଞପ୍ତି ଅନୁସାରେ, ସାଧାରଣ ବସ୍ ଭଡ଼ା କିଲୋମିଟର ପିଛା ୨୬ ପଇସା ବଢ଼ି ୧ ଟଙ୍କା ୧୮ ପଇସା ହୋଇଛି।

ସେହିପରି ଏକ୍ସପ୍ରେସ୍ ବସଭଡ଼ା କିମି ପିଛା ୨୮ ପଇସା ବୃଦ୍ଧି ପାଇ ୧ ଟଙ୍କା ୨୪ ପଇସା ହୋଇଥିବାବେଳେ ଡିଲକ୍ସ ବସଭଡ଼ା ୮ପଇସା ବଢ଼ି ୧ ଟଙ୍କା ୪୧ ପଇସା ହୋଇଛି। ଶୀତତାପ ନିୟନ୍ତ୍ରିତ ଡିଲକ୍ସ ବସ୍ ଭଡ଼ା କିମି ପିଛା ୩୬ ପଇସା ବୃଦ୍ଧି ପାଇ ୧ ଟଙ୍କା ୯୯ ପଇସା ହୋଇଥିବାବେଳେ ସୁପର ପ୍ରିମିୟମ୍ ବସଭଡ଼ା ସର୍ବାଧିକ ୬୮ ପଇସା ବଢ଼ି ୩ ଟଙ୍କା ୨୧ ପଇସା ହୋଇଛି। ଏହାବ୍ୟତୀତ ସରକାର ଦୁଇଟି ନୂଆ ବର୍ଗ ଯୋଡ଼ିସେମି ଡିଲକ୍ସ ବସ୍ ପାଇଁ କିମି ପିଛା ୧ ଟଙ୍କା ୩୦ ପଇସା ଓ ସୁପର ପ୍ରିମିୟମ୍ ସମ୍ପୂର୍ଣ୍ଣ ଶୟନଯାନ ଶୀତତାପ ନିୟନ୍ତ୍ରିତ ବସ୍ ପାଇଁ ଯାତ୍ରା ବା ବେଡ୍ ପିଛା କିମିକୁ ୪ ଟଙ୍କା ୬୧ ପଇସା ନିର୍ଦ୍ଧାରଣ କରିଛନ୍ତି । ଏହି ସର୍ବାଧିକ ଦେୟଯୋଗ୍ୟ ଭଡ଼ା ବ୍ୟତୀତ ଅଧିକ ପରିମାଣର ଭଡ଼ା ଯାତ୍ରୀଙ୍କଠୁ କୌଣସି ବସ୍ ମାଲିକ ବା କର୍ମଚାରୀ ଆଦାୟ କରିପାରିବେ ନାହିଁ ବୋଲି ରାଜ୍ୟ ସରକାର ସ୍ପଷ୍ଟ କରିଛନ୍ତି।ଭଡ଼ା ବୃଦ୍ଧି ସତ୍ତ୍ୱେ ସମାଜର ବିଶେଷ ବର୍ଗର ଯାତ୍ରୀମାନଙ୍କ ପାଇଁ ଥିବା ରିହାତି ବ୍ୟବସ୍ଥା ପୂର୍ବଭଳି ସୁରକ୍ଷିତ ରହିଛି। ବିଜ୍ଞପ୍ତି ଅନୁଯାୟୀ, ଏଚଆଇଭି ଓ ଏଡସ ଆକ୍ରାନ୍ତ, ସମ୍ପୂର୍ଣ୍ଣ ଦୃଷ୍ଟିହୀନ, ମାନସିକ ଅନଗ୍ରସର, ୫୦ରୁ ୧୦୦ % ଅସ୍ଥିଶଲ୍ୟ ଭିନ୍ନକ୍ଷମ ଓ ଶତପ୍ରତିଶତ ଶ୍ରବଣବାଧିତ ବ୍ୟକ୍ତିମାନେ ଉଭୟ ସରକାରୀ ଓ ଘରୋଇ ବସରେ ଶତପ୍ରତିଶତ ମାଗଣାରେ ଯାତ୍ରା କରିପାରିବେ।ଯାତ୍ରୀଙ୍କ ସ୍ୱାର୍ଥ ରକ୍ଷା ଏବଂ ସ୍ୱଚ୍ଛତା ବଜାୟ ରଖିବା ପାଇଁ ସରକାର କେତେକ କଡ଼ା ନିୟମାବଳୀ ମଧ୍ୟ ଲାଗୁ କରିଛନ୍ତି। ନୂଆ ନିୟମ ଅନୁସାରେ, ପ୍ରତ୍ୟେକ ଯାତ୍ରୀ ନିଜ ସାଙ୍ଗରେ ୧୫ କିଲୋ ପର୍ଯ୍ୟନ୍ତ ମାଗଣା ଲଗେଜ୍ ବା ଜିନିଷପତ୍ର ନେଇପାରିବେ ଓ ଏହାଠାରୁ ଅଧିକ ପ୍ରତି ୨୦ କିଲୋ ଓଜନ ପାଇଁ କିମି ପିଛା ୭ପଇସା ହିସାବରେ ଅତିରିକ୍ତ ଦେୟ ଦେବାକୁ ପଡ଼ିବ। ଭଡ଼ା ହିସାବ ସମୟରେ ୫୦ ପଇସାରୁ କମ୍ ଅର୍ଥକୁ ବାଦ୍ ଦିଆଯିବ ଓ ୫୦ ପଇସା କିମ୍ବା ତା'ଠାରୁ ଅଧିକ ହେଲେ ପରବର୍ତ୍ତୀ ପୂର୍ଣ୍ଣ ଟଙ୍କା ଭାବେ ଗଣନା କରାଯିବ।

୧୪ରେ ରାଜ୍ୟରେ ମିଳିବ ପ୍ରଧାନମନ୍ତ୍ରୀ ଆବାସ

ଭୁବନେଶ୍ୱର, ୧୨।୧୧(ନି.ପ୍ର.): ପକ୍କା ଘର ସ୍ୱପ୍ନ ଦେଖୁଥିବା ଲକ୍ଷ ଲକ୍ଷ ହିତାଧିକାରୀଙ୍କ ପାଇଁ ଖୁସି ଖବର। ଆସନ୍ତା ୧୪ ତାରିଖରେ ରାଜ୍ୟରେ ଆବଣ୍ଟନ ହେବ ଅତିରିକ୍ତ ୨ ଲକ୍ଷ ୯୧ ହଜାର ୬୬୬ଟି ପକ୍କା ଘର। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ଏହି ଘର ଆବଣ୍ଟନ କରାଯିବ। ଏନେଇ ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ। ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟରେ ଆୟୋଜିତ ହେବାକୁ ଥିବା ମୁଖ୍ୟ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ ଯୋଗଦେଇ ହିତାଧିକାରୀଙ୍କୁ ଘର ଆବଣ୍ଟନ କରିବେ। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଉପସ୍ଥିତ ରହିବେ। କେବଳ ବଲାଙ୍ଗିର ନୁହେଁ, ରାଜ୍ୟର ସମସ୍ତ ଜିଲ୍ଲା, ବ୍ଲକ ଓ ପଞ୍ଚାୟତ ସ୍ତରରେ ଏକକାଳୀନ ଏହି କାର୍ଯ୍ୟକ୍ରମ ଆୟୋଜନ ହେବ। ମନ୍ତ୍ରୀଙ୍କ ସୂଚନା ଅନୁସାରେ, ଆବାସ ଯୋଜନାରେ ପୂର୍ବରୁ ୪ ଲକ୍ଷ ଘର ଏବଂ ଅନ୍ତ୍ୟୋଦୟ ଯୋଜନାରେ ୫ ଲକ୍ଷ ଘର ମିଳିଛି। ଏବେ ଅତିରିକ୍ତ ୨.୯୧ ଲକ୍ଷରୁ ଅଧିକ ଘର ଆବଣ୍ଟନ ହେବାକୁ ଯାଉଥିବାରୁ ଗରିବ ଓ ଆବାସହୀନ ପରିବାରଙ୍କ ମଧ୍ୟରେ ନୂଆ ଆଶା ସଞ୍ଚାର ହୋଇଛି।

ଉପକୂଳରେ ପାରଦ ବଢ଼ିଲା, ଶୀତ କମିଲା

ଭୁବନେଶ୍ୱର, ୧୨।୧୧(ନି.ପ୍ର.): ଉତ୍ତର ଦିଗରୁ ପ୍ରବାହିତ ଥଣ୍ଡା ଓ ଶୁଷ୍କ ପବନ ପ୍ରଭାବରେ ଆଭ୍ୟନ୍ତରୀଣ ଓଡ଼ିଶାର ଏକାଧିକ ଅଞ୍ଚଳରେ ରାତିର ସର୍ବନିମ୍ନ ତାପମାତ୍ରା ୧୬ ଡିଗ୍ରୀ ତଳକୁ ଖସି ଆସିବା ସହ ଶୀତ ଲହରୀ ଜାରି ରହିଛି।

ପାଣିପାଗ ବିଭାଗ ସଦ୍ୟ ରିପୋର୍ଟ ଅନୁସାରେ ଝାରସୁଗୁଡାରେ ପାରଦ ୧୪. ୨ ଡିଗ୍ରୀ ସେଲସିୟସ ରହିଛି। ନବରଙ୍ଗପୁର ୧୪. ୬ସେଲସିୟସ , ଦାରିଙ୍ଗବାଡି ୧୫ସେ ସେଲସିୟସ, କୋରାପୁଟ ୧୫ସେଲସିୟସ , ଭବାନୀପାଟଣା ୧୫. ୫ସେଲସିୟସ , ରାଉରକେଲା ୧୫. ୭ସେଲସିୟସ , ବଲାଙ୍ଗୀର ୧୬ ଓ ସୋନପୁର ୧୬. ୨ସେଲସିୟସ ରହିଛି। ଅନ୍ୟପଟେ ଉପକୂଳ ଅଞ୍ଚଳରେ ରାତି ତାପମାତ୍ରା ବଢିବା ସହ ଶୀତ କମିଛି, ଅଧିକାଂଶ ସ୍ଥାନରେ ତାପମାତ୍ରା ୨୦ଡ଼ିଗ୍ରୀ ଉପରେ ରେକର୍ଡ କରାଯାଇଛି ।

ରାଉରକେଲା ସମେତ ଉତ୍ତର ଓ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସକାଳୁ ଘନ କୁହୁଡ଼ି ଦେଖିବାକୁ ମିଳୁଛି। ପାଣିପାଗ ଆକଳନ ଅନୁଯାୟୀ, ଆଗାମୀ କିଛି ଦିନ ପର୍ଯ୍ୟନ୍ତ ରାତିର ତାପମାତ୍ରାରେ ବିଶେଷ ବଡ଼ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ।

୩.୦୩ କୋଟି ଠକି ରାଜସ୍ୱ ସହାୟକ ଗିରଫ

କେନ୍ଦ୍ରାପଡ଼ା/କଟକ, ୧୨।୧୧(ନି.ପ୍ର.): ସରକାରୀ ଅର୍ଥ ହଡ଼ପ ମାମଲାରେ ଓଡ଼ିଶା ଭିଜିଲାନ୍ସକୁ ଏକ ବଡ଼ ସଫଳତା ମିଳିଛି। ଏଚଆରଏମଏସ୍ (ଏମ୍ପ୍ଲୟିଜ ପୋର୍ଟାଲରେ ଜାଲ୍ ବିଲ୍ ପ୍ରସ୍ତୁତ କରି ୩ କୋଟି ୩ ଲକ୍ଷ ୬୫ ହଜାର ୮୪୩ ଟଙ୍କା ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗରେ ଡେରାବିଶ ବ୍ଲକ୍‌ର ବରିଷ୍ଠ ରାଜସ୍ୱ ସହାୟକ (ଏସ୍‌ଆର୍‌ଏ) ଶଶିକାନ୍ତ ରଣାଙ୍କୁ ଭିଜିଲାନ୍ସ ଗିରଫ କରିଛି। ଡିଜିଟାଲ୍ ଟ୍ରାକିଂ ମାଧ୍ୟମରେ ଅନୁଗୋଳରୁ ତାଙ୍କୁ ଗିରଫ କରାଯାଇଛି। ଦୀର୍ଘଦିନ ଧରି ସେ ଫେରାର ଥିଲେ।



ସରକାରୀ ଅର୍ଥରୁ ୩.୦୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ ହୋଇଥିବା ଅଭିଯୋଗ ପରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଏହାର ଯାଞ୍ଚ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ରଣା ଦୁଇଟି ବ୍ଲକ୍‌ରେ କାର୍ଯ୍ୟ କରିବା ସମୟରେ ପ୍ରତିଷ୍ଠାନ ବିଭାଗର ଦାୟିତ୍ୱରେ ଥାଇ ଯୋଜନାବଦ



ଆଦର୍ଶ ଶିକ୍ଷୟିତ୍ରୀ କୁନି ଦାସ ଙ୍କ ପରଲୋକ

ପିପିଲି,୧୨।୧୧ :(ମନ୍ତୁନ)ପିପିଲି ବ୍ଲକ ଗୋବିନ୍ଦପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁଞ୍ଜର ପ୍ରାଥମିକ ବିଦ୍ୟାଳୟ ରେ ଦୀର୍ଘ ଦିନ ଧରି କାର୍ଯ୍ୟରତ ଥିବା ଆଦର୍ଶ ଏକ୍ୱ କ୍ୟାଡ଼ର ସହକାରୀ ଶିକ୍ଷୟିତ୍ରୀ କୁନି ଦାସ ଙ୍କ ଅକାଳ ବିୟୋଗ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୫୯ ବର୍ଷ ବୟସ ହୋଇଥିଲା।କିଛି ଦିନ ତଳେ ହଠାତ୍ ଦେହ ଖରାପ ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସିତ ହୋଇ ଘରକୁ ଫେରିବାର ଏକ ମାସ ପରେ ତାଙ୍କର ଦେହାନ୍ତ ହୋଇଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ର ସ୍ୱାମୀ ବେଣୁଧର ଦାସ, ପୁତ୍ର ସଂଗ୍ରାମ କେଶରୀ ଦାସ, ବିପ୍ଲବ ଦାସ , ତାଙ୍କ ଦିଅର,ଯାଆ,ପୁତୁରା,ପୁତୁରା ବୋହୂ ଝିଆରୀ, ସମସ୍ତ ବନ୍ଧୁବର୍ଗ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯଥା କୁଞ୍ଜର ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନଶିକ୍ଷୟିତ୍ରୀ ଗୀତାଞ୍ଜଳି ମିଶ୍ର , ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ କବିତା ତ୍ରୀପାଠୀ, ପ୍ରଧାନଶିକ୍ଷକ ନରେନ୍ଦ୍ର ସେନାପତି, ଶିକ୍ଷକ ଚିନ୍ତାମଣି ଓଝା,ସିଦ୍ଧ ?ଶ୍ୱରଦେବ ଏକ୍ୱ କ୍ୟାଡ଼ର ଶିକ୍ଷକ ସଂଘର ସଭାପତି ଅଭିମନ୍ୟୁ ପାଣି, ସଂପାଦକ ସୁଦର୍ଶନ ବରାଳ, ସଭ୍ୟ ଗୁଣନିଧି ଜେନା,ବିକ୍ରମ ଜେନା,ଭିମସେନ ପଲେଇ,ଜଇଶପାଟଣା ସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଶୋକ ସନ୍ତପ୍ତ ପରିବାର କୁ ସମବେଦନା ଜଣାଇଥିଲେ । ତାଙ୍କ ଜ୍ୟେଷ୍ଠ ପୁତ୍ର ସଂଗ୍ରାମ କେଶରୀ ଦାସ ମୁଖାଗ୍ନୀ ଦେଇଥିଲେ । ତାଙ୍କ ପରଲୋକରେ ଗୋବିନ୍ଦପୁର କ୍ଲଷ୍ଟର ର ସିଆରସିସି ସୁନିତା ନାୟକ , ପ୍ରଧାନଶିକ୍ଷୟିତ୍ରୀ ମଧୁଛନ୍ଦା ମିଶ୍ର, ସନ୍ଧ୍ୟାରାଣୀ ପାତ୍ର, ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ସୀତା ନାୟକ,କୁଞ୍ଜର ପ୍ରାଥମିକ ବିଦ୍ୟାଳୟ ର ଚେୟାରମେନ, ପରିଚାଳନା କମିଟି ର ସଭ୍ୟ ସଭ୍ୟା,ଛାତ୍ର ଛାତ୍ରୀ ଓ ପୁରାତନ ଛାତ୍ର ଛାତ୍ରୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ପିପିଲି ବ୍ଲକ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତାଙ୍କର ଅମର ଆତ୍ମାର ସଦଗତି କାମନା କରିଛନ୍ତି ।

ବିଶ୍ୱ ମିତବ୍ୟୟିତା ଦିବସ ଓ ସଞ୍ଚୟ ପକ୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା


ବଲାଙ୍ଗୀର,୧୨।୧୧ :(ମନ୍ତୁନ)ରାଜ୍ୟ ସରକାର ଙ୍କ ଆର୍ଥକ ସେବା ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ସଂସ୍କୃତି ଭବନ, ବଲାଙ୍ଗୀର ଠାରେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଅବସରପ୍ରାପ୍ତ ପ୍ରଧାପକ ଡ. ପ୍ରେମଚାନ୍ଦ ମହାନ୍ତି, ପ୍ରଧାପିକା ଡ. ମିନତୀ ଦେବତା ଓ ବରିଷ୍ଠ ସାମ୍ବାଦିକ ଶ୍ରୀ ଆନନ୍ଦ ଚନ୍ଦ୍ର ସାହୁ ପର୍ଯ୍ୟବେକ୍ଷକ ରୂପେ କାର୍ଯ୍ୟ ତୁଲାଇଥିଲେ । ଉକ୍ତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ସୁଶ୍ରୀ ଦମୟନ୍ତୀ ଖୁଆସ୍ (ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବଲାଙ୍ଗୀର), ଦ୍ୱିତୀୟ ସ୍ଥାନ କବୀର କିରଣ ସେଠ୍ (ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କଲେଜ ଛକ, ବଲାଙ୍ଗୀର) ଏବଂ ତୃତୀୟ ସ୍ଥାନ ସୁଶ୍ରୀ ସ୍ମୃତି ସାଗର (ପଞ୍ଚାୟତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ନଅ ଗାଁ (L), ଆଗଲପୁର, ବଲାଙ୍ଗୀର) ହାସଲ କରିଥିଲେ ଓ ' ମିତବ୍ୟୟିତା, ସଞ୍ଚୟ, ସତର୍କତା ଓ ସଚେତନତା ବିଷୟରେ ଛାତ୍ରଛାତ୍ରୀମାନେ ଏହାର ସଦୁପଯୋଗ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋକପାତ କରିଥିଲେ ଓ ବଲାଙ୍ଗୀର ଭାରପ୍ରାପ୍ତ ସହାୟକ ନିର୍ଦ୍ଦେଶକ, ସଞ୍ଚୟ ଓ ଆର୍ଥକ ସେବା ଅଧିକାରୀ ଶ୍ରୀମତି ରଞ୍ଜିତା ପଟ୍ଟା ପ୍ରତିଯୋଗିତା ପରିଚାଳନା କରିଥିବା ବେଳେ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ଏବଂ ଏହିପରି ପ୍ରତିବର୍ଷ ବିଶ୍ୱ ମିତବ୍ୟୟିତା ଦିବସ ଓ ସଞ୍ଚୟ ପକ୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୁଏ ବୋଲି ପ୍ରକାଶ କରିଥିଲେ ଓ ଏହି ଅବସରରେ ସଞ୍ଚୟ ଓ ଆର୍ଥକ ସେବା ବିଭାଗର ଶ୍ରୀମତି ପଦ୍ମିନୀ ସେଠ୍ ଓ ଶ୍ରୀ ପୁରୁଷୋତ୍ତମ ମୁନା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଯୋଗିଆପଲ୍ଲୀ ସନ୍ତୋଷ ପାତ୍ର ହତ୍ୟାକାଣ୍ଡ ଘଟଣା: ଚାରି କୋର୍ଟ ଚାଲାଣ

କୁକୁଡାଖଣ୍ଡି,୧୨।୧୧ :(ମନ୍ତୁନ)ନିମଖଣ୍ଡି ଥାନା ଅନ୍ତର୍ଗତ ଯୋଗିଆପଲ୍ଲୀ ଗ୍ରାମରେ ଗତ ରବିବାର ଦୀପାବଳି ଦିନ ବି.ସନ୍ତୋଷ ପାତ୍ରଙ୍କୁ ହତ୍ୟା ଏବଂ ତାଙ୍କ ବାପା ବି.ତମେୟା ଙ୍କୁ ଆକ୍ରମଣ ଘଟଣାରେ ପୁଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ମାନେ ହେଲେ ନିମଖଣ୍ଡି ଥାନା ଅନ୍ତର୍ଗତ ବିରକୃଷ୍ଣଚନ୍ଦ୍ରପୁର ଗ୍ରାମର ଆଲୋକ ସାହୁ (୨୬), ପୁରୁଣା ଯୋଗିଆପଲୀ ଗ୍ରାମର ରୋହିତ ଗୌଡ(୨୪), ଜି, ଜଗନ୍ନାଥପୁର ଗ୍ରାମର ଏମି,ଅଜିତ ପାତ୍ର ଓରଫ ଅରୁଣ କୁମାର ପାତ୍ର(୨୩) ଓ ଜରଡା ଥାନା ଜରଡା ଗୌଡ ସାହିର ସୋନୁ ଗୌଡ(୨୦) । ଏନେଇ ମୃତକଙ୍କ ପତ୍ନୀ ଏତଲାକୁ ଭିତ୍ତିକରି ପୁଲିସ ୩୫୦/୨୬ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇ ଥିଲେ ।

ହତ୍ୟା କାଣ୍ଡ ପରେ ଅଭିଯୁକ୍ତମାନେ ଫେରାର ଥିବାବେଳେ ବ୍ରହ୍ମପୁର ଏସପି ଅଭିନବ ସୋନକର ଙ୍କ ନିର୍ଦ୍ଦେଶ ରେ ଆଇଆଇସି କୃଷ୍ଣ ଚନ୍ଦ୍ର ଶାହାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅଭିଯୁକ୍ତ ମାନଙ୍କୁ ଗିରଫ କରିଛି । ଆଇଆଇସିଙ୍କ ସୂଚନା ପ୍ରକାରେ ପୂର୍ବ ଶତ୍ରୁତାରୁ ହତ୍ୟାକାଣ୍ଡ ହୋଇଛି। ସନ୍ତୋଷ ବହୁ ଅପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ରହିବା ସହ ଅଭିଯୁକ୍ତଙ୍କ ଉପରେ ଶତ୍ରୁତା ଲାଗି ରହିଥିଲା । ଶନିବାର ଗ୍ରାମରେ ଠାକୁରାଣୀ ଯାତ୍ରା ଚାଲିଥିଲା । ରାତିରେ କୌଣସି କଥାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ରବିବାର ସକାଳୁ ସନ୍ତୋଷ କୌଣସି କାମରେ ଘରୁ ବାହାରି ଯାଉଥିବା ସମୟରେ ଆଗରୁ ପ୍ରସ୍ତୁତ ଥିବା ଅଭିଯୁକ୍ତମାନେ ଖଣ୍ଡାରେ ସନ୍ତୋଷଙ୍କୁ ଗୋଡାଇ ଗୋଡାଇ ହାଣି ହାଣିଥିଲେ । ଖବର ପାଇ ସନ୍ତୋଷଙ୍କ ବାପା ତମେୟା ଘଟଣାସ୍ଥଳରେ ପହଞ୍ଚି ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଅଭିଯୁକ୍ତମାନେ ଖଣ୍ଡାରେ ହାଣି ଫେରାର ହୋଇଯାଇଥିଲେ। ଆଲୋକ ସାହୁ ନାମରେ ନିମଖଣ୍ଡି ଥାନାରେ ତିନୋଟି ମାମଲା ରହିଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି ।



ଜଗତସିଂହପୁରରେ ତମାଖୁ ମୁକ୍ତ ଯୁବ ଅଭିଯାନ

ଜଗତସିଂହପୁର,୧୨।୧୧ :(ମନ୍ତୁନ) ଯୁବପିଢ଼ି ହେଉଛନ୍ତି ଦେଶର ଭବିଷ୍ୟତ ଓ ସମାଜର ପ୍ରଗତିର ପ୍ରକୃତ ସାରଥୀ । ସେମାନଙ୍କ ଜୀବନରେ ସୁସ୍ଥତା, ସଚେତନତା ଓ ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନ ଭରିଦେବା ଉଦ୍ଦେଶ୍ୟରେ ଜଗତସିଂହପୁର ଜିଲ୍ଲାରେ ୨୦୨୬–୨୦୨୭ବର୍ଷ ପାଇଁ 'ତମାଖୁ ମୁକ୍ତ ଯୁବ ଅଭିଯାନ ୪.୦ ର ଆଜି ସ୍ୱାମୀ ବିବେକାନନ୍ଦ ସ୍ମାରକୀ ମହାବିଦ୍ୟାଳୟ, ଜଗତସିଂହପୁର ର ସଭାଗୃହରେ ଅନୁଷ୍ଠାନିକ ଶୁଭାରମ୍ଭ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡାକ୍ତର ସ୍ମିଗ୍ଧାମୟୀ ମହାନ୍ତି ଏହି ସଚେତନତାମୂଳକ ଅଭିଯାନର ଶୁଭାରମ୍ଭ କରି ଏକ ସୁସ୍ଥ, ସୁନ୍ଦର ଓ ନିଶାମୁକ୍ତ ସମାଜ ଗଠନ ପାଇଁ ସମସ୍ତଙ୍କୁ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ,ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ର ଅଧିକ୍ଷକ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ), ଜିଲ୍ଲାସ୍ତରୀୟ ଅନ୍ୟବିଭାଗର ଅଧିକାରୀଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଏବଂ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଅଭିଯାନକୁ ସଫଳ କରିବା ପାଇଁ ନିଜର ସହଭାଗିତା ପ୍ରକାଶ କରିଥିଲେ । ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ନିଜ ବକ୍ତବ୍ୟରେ ତମାଖୁ ଓ ବିଭିନ୍ନ ନିଶାଦ୍ରବ୍ୟର ଭୟାବହ କୁପ୍ରଭାବ ସମ୍ପର୍କରେ ଯୁବପିଢିଙ୍କୁ ସଚେତନ କରିବାସହ ଏହି ନିଶା କିପରି ମଣିଷର ଶାରୀରିକ ସୁସ୍ଥତା, ମାନସିକ ଶାନ୍ତି, ପାରିବାରିକ ସମ୍ପର୍କ ଓ ସାମାଜିକ ଜୀବନକୁ ପ୍ରଭାବିତ କରେ, ସେଥିପ୍ରତି ସମସ୍ତଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ । ବିଶେଷକରି ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଭିନ୍ନ ଯୁବ ସଂଗଠନକୁ ଏହି ଅଭିଯାନର ମୁଖ୍ୟ ମାଧ୍ୟମ କରି ଛାତ୍ରଛାତ୍ରୀ ଓ ଯୁବସମାଜ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କାରଣ ନିଶାମୁକ୍ତ ଯୁବସମାଜ ହିଁ ଏକ ସୁସ୍ଥ ପରିବାର, ସୁସ୍ଥ ସମାଜ ଓ ସମୃଦ୍ଧ ରାଷ୍ଟ୍ରର ମୂଳଦୁଆ । ଅଭିଯାନର ଶେଷ ପର୍ଯ୍ୟାୟରେ ଉପସ୍ଥିତ ସମସ୍ତ ଅତିଥି, ଅଧିକାରୀ ଓ କର୍ମଚାରୀ ନିଜେ ତମାଖୁ ଓ ନିଶାଦ୍ରବ୍ୟଠାରୁ ସଦାସର୍ବଦା ଦୂରେଇ ରହିବ ସହ ଅନ୍ୟମାନଙ୍କୁ ଏହାର କୁପରିଣାମ ବିଷୟରେ ସଚେତନ କରାଇବାକୁ ଶପଥ ଗ୍ରହଣ କରିଥିଲେ। ନିଶାମୁକ୍ତ ଜିଲ୍ଲା ଭାବେ ଗଢ଼ିତୋଳିବାରେ ଏକ ନୂତନ ଦିଗନ୍ତ ସୃଷ୍ଟି କରିବ ବୋଲି ଆଶା ପ୍ରକାଶ ପାଇଛି ଏହି କାର୍ଯ୍ୟକ୍ରମକୁ ଏ.ଏମ୍.ଏନ ସି ଡି ଶ୍ରୀମତୀ ସୁଜାତା କବି ପରିଚାଳନା କରିଥିବା ବେଳେ ଡାଟା ମ୍ୟାନେଜର ପ୍ରଭାସ କୁମାର ବେହେରା ସହାୟତା କରିଥିଲେ। ଶେଷରେ ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋ.ଗା.ଯୋଗ ଅଧି.କା.ରୀ ସୁ.ବ୍ର.ତ କୁ.ମା.ର ମହା.ପା.ତ୍ର ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।



କୁକୁଡାଖଣ୍ଡି ମାଉସୀ ମା' ମନ୍ଦିର ନିର୍ମାଣ କାର୍ଯ୍ୟସମୀକ୍ଷା କଲେ ସାଂସଦ ପ୍ରଦୀପ ପାଣିଗ୍ରାହୀ

କୁକୁଡାଖଣ୍ଡି,୧୨।୧୧ :(ମନ୍ତୁନ) ଦୀର୍ଘଦିନ ଧରି କୌଣସି କାରଣରୁ ବନ୍ଦ ରହିଥିବା କୁକୁଡାଖଣ୍ଡି ଗ୍ରାମ ର ମାଉସୀ ମା' ମନ୍ଦିର ନିର୍ମାଣ କାର୍ଯ୍ୟ କୁ ପୁଣିଥରେ ଆଗେଇ ନେବାକୁ ତତ୍ପରତା ପ୍ରକାଶ କରିଛନ୍ତି ବ୍ରହ୍ମପୁର ସାଂସଦ ଡଃ ପ୍ରଦୀପ କୁମାର ପାଣିଗ୍ରାହୀ। ସୋମବାର କୁକୁଡାଖଣ୍ଡି ଗ୍ରାମ ଗସ୍ତ କରି ସେ ନିର୍ମାଣାଧୀନ ଆଡ଼ପ ମଣ୍ଡପର ସ୍ଥିତି ସମୀକ୍ଷା କରିବା ସହ ମନ୍ଦିର କମିଟିର ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ବଡ଼ଦାଣ୍ଡ ଠାରୁ ଏକ ବିରାଟ ପଟୁଆରରେ ସାଂସଦ ଡଃ ପାଣିଗ୍ରାହୀଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଯାଇଥିଲା। ପାରମ୍ପରିକ ଉତ୍ସାହ ଓ ଆନନ୍ଦମୟ ପରିବେଶ ମଧ୍ୟରେ ତାଙ୍କୁ ଆଡ଼ପ ମଣ୍ଡପ ନିର୍ମାଣ ସ୍ଥଳକୁ ପାଛୋଟି ନିଆଯାଇଥିଲା।ସେଠାରେ ପ୍ରଥମେ ପୂଜାର୍ଚ୍ଚନା ଓ ଧାର୍ମିକ ବିଧିବିଧାନ ସମ୍ପନ୍ନ ହେବା ପରେ ମନ୍ଦିର କମିଟି ପକ୍ଷରୁ ସାଂସଦଙ୍କୁ ମଞ୍ଚ ନି କ ଟ କୁ ନିଆଯାଇଥିଲା। ପରେ ମନ୍ଦିରର ଅଧାପନ୍ତରିଆ ନିର୍ମାଣ କାର୍ଯ୍ୟ, ବର୍ତ୍ତମାନର ସ୍ଥିତି ଏବଂ ଏହାକୁ ସମ୍ପୂର୍ଣ୍ଣ କରିବାରେ ରହିଥିବା ସମସ୍ୟା ସମ୍ପର୍କରେ କମିଟି ସଦସ୍ୟଙ୍କ ସହ ସାଂସଦ ଆଲୋଚନା କରିଥିଲେ।ଏହି ମନ୍ଦିର ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ପୁନର୍ବାର ଆରମ୍ଭ କରାଯାଇ ସମ୍ପୂର୍ଣ୍ଣ କରାଯିବ ବୋଲି ସାଂସଦ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ନିଜ ସାଂସଦ ହାତପାଣ୍ଠିରୁ ଆବଶ୍ୟକ ଅର୍ଥ ପ୍ରଦାନ କରିବା ନେଇ ମଧ୍ୟ ମନ୍ଦିର କମିଟିକୁ ଆଶ୍ୱାସନା ଦେଇଥିଲେ।ସାଂସଦଙ୍କ ଏହି ପଦକ୍ଷେପକୁ ନେଇ ଗ୍ରାମବାସୀ ଓ ମନ୍ଦିର କମିଟି ସଦସ୍ୟଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ଆଡ଼ପ ମଣ୍ଡପ ନିର୍ମାଣ କାର୍ଯ୍ୟ ପୁଣି ଆରମ୍ଭ ହୋଇ ଶୀଘ୍ର ସମ୍ପୂର୍ଣ୍ଣ ହେବା ସହ ମାଉସୀ ମା'ଙ୍କ ମନ୍ଦିରର ଧାର୍ମିକ ଓ ସାଂସ୍କୃତିକ ମହତ୍ତ୍ୱ ଆହୁରି ବୃଦ୍ଧି ପାଇବ ବୋଲି ଆଶା ପ୍ରକାଶ ପାଇଛି।



ଦେଉଳିରେ କାଳୀ ପୂଜା ଓ ମିନାବଜାର

ମୋରଡ଼ା,୧୨।୧୧ :(ମନ୍ତୁନ)ଶନିବାର ସନ୍ଧ୍ୟାରୁ ମା କାଳୀଙ୍କ ପୂଜାର୍ଚ୍ଚନା ପାଇଁ ଦେଉଳି ଅଂଚଳ ଚଳଚଞ୍ଚଳ ହୋଇ ଉଠିଛି । ରାତି ୧୧ଘଟିକା ସମୟରେ ଘଟ ଉତ୍ତୋଳନ କଳସ ପୂଜା ଆରମ୍ଭହୋଇ ରାତି ୧ଟା ସୁଦ୍ଧା ପୂଜାକାର୍ଯ୍ୟ ଆରମ୍ଭ ହୋଇଯାଇଥିଲା ।ରବିବାର ଦିନ ମାଙ୍କ ପୂଜା ଓ ଦର୍ଶନ ପାଇଁ ବୁକର ବିଭିନ୍ନ ସ୍ଥାନ ସମେତ ପଡୋଶୀ ପଶ୍ଚିମବଙ୍ଗରୁ ମଧ୍ୟ ବହୁ ଭକ୍ତ ଅତି ଶ୍ରଦ୍ଧାରେ ଧାଇଁ ଆସିଥିଲେ । ସେହିଦିନ ସକାଳୁ ମା କାଳୀଙ୍କ ଯଥା ବିଧି ପୁଜାର୍ଚ୍ଚନା ହୋଇଥିଲା । ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲା ଦେଉଳି ସାର୍ବଜନୀନ କାଳୀପୂଜା କମିଟିକୁ ୮୩ ବର୍ଷ ପଦାର୍ପଣ କଲା । ମଙ୍ଗଳବାର ସନ୍ଧ୍ୟା ସମୟରେ ମାଙ୍କ ସନ୍ଧ୍ୟା ଆରତୀ ପରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ଆୟୋଜନ କରାଯାଇଥିଲା । ଶେଷରେ ବୁଧବାର ଦିନ ମାଙ୍କ ପୂର୍ଣାହୁତି ପରେ ଦହିପଖାଳ ଲାଗି କରାଯାଇଥିଲା । ସେହିଦିନ ଅପରାହ୍ନରେ ମାଙ୍କ ଘଟ ବିସର୍ଜନ କାରାଯାଇଥିଲା ଏଥିରେ ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ । ଦେଉଳି କାଳୀ ପୂଜା କମିଟିର ସଦସ୍ୟ କାହୁ ସାହୁ, ସନ୍ତୋଷ ପୃଷ୍ଟି, ରବିନ ମହାପାତ୍ର , ସୁବ୍ରତ ମହାପାତ୍ର ,ତରୁଣ ମହାପାତ୍ର, ଅମ୍ବରିସ ପୃଷ୍ଟି, ନାରାୟଣ ମହାପାତ୍ର, ସନ୍ଦୀପ ସାହୁ , ଦୁଖିଆ ପୃଷ୍ଟି, ପ୍ରମୁଖଙ୍କ ସହଯୋଗରେ ସଭାପତି ବିରେନ ସାହୁ , ସମ୍ପାଦକ ଶେଖର ବେହେରା ଏହି ପୂଜାକୁ ଅତି ଆଡମ୍ବର ସହ ଆୟୋଜନ କରିଥିଲେ । କର୍ତ୍ତା ଭାବେ ଅଜୟର ପୃଷ୍ଟି ଅତି ନିଷ୍ଠାର ସହ ନିଜକୁ ସାମିଲ କରିଥିଲେ । ତେବେ ଏବର୍ଷ କାଳୀ ପୂଜା ଉପଲକ୍ଷେ ମନରଞ୍ଜନ ପାଇଁ ଯାତ୍ରା ରୟାଲ ଅପେରା ର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିବା ସହିତ ଏକ ମୀନାବଜାରରେ ଜନସମାଗମ ଦେଖିବାକୁ ମିଳିଛି ।

ପୂର୍ବତଟ ରେଳପଥ ରମ୍ଭା ଇଞ୍ଜିନିୟରିଂ ୱାର୍କସପ ରେ ଶ୍ୟାମକାଳୀ ପୂଜା ଭଷାଣି ଉତ୍ସବ

ଗଞ୍ଜାମ,୧୨।୧୧ :(ମନ୍ତୁନ) ଆଧ୍ୟତ୍ମିକ ପରିବେଶ ମଧ୍ୟରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ପୂର୍ବତଟ ରେଳପଥ ରମ୍ଭା ଇଞ୍ଜିନିୟରିଂ ୱାର୍କସପ ପୂଜା ମଣ୍ଡପରେ ସିନିୟର ସେକ୍ସନ ଇଞ୍ଜିନିୟର ପୀତବାସ ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜା ରିତିନୀତି ସହ ଭଷାଣି ଉତ୍ସବ ଯାକଯମକରେ ପାଳିତ ହୋଇଯାଇଛି । କର୍ତ୍ତା ରୂପେ ରବୀନ୍ଦ୍ର ରହିଥିବା ବେଳେ କାର୍ଯ୍ୟକ୍ରମରେ ମଧ୍ୟରାତ୍ର ଠାରୁ ମାଙ୍କ ଜୀବନ୍ୟାସ, ଘଟ ସ୍ଥାପନ, କଳସ ଶୋଭାଯାତ୍ରା, ଚଣ୍ଡୀ ପାଠ, ସୂର୍ଯ୍ୟ ପୂଜା, ମହାକାଳୀ ବେଶ, ହୋମ ଯଜ୍ଞ ଆଦି ପୂଜା ବିଧି ମୁତାବକ ଅନୁଷ୍ଠିତ ହୋଇଯାଇଛି। ଆକର୍ଷଣୀୟ ସୁଉଚ୍ଚ ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗର ଆଲୋକ ମାଳା, ସଂନ୍ଧ୍ୟାରେ ମା ବୁଢ଼ୀ ଠାକୁରାଣୀ ଅନାଥ ଭଜନ ସଂନ୍ଧ୍ୟା, ସଂକୀର୍ତନ ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସାଙ୍ଗକୁ ଆୟୋଜନ ହୋଇଛି।ପୂଜା କମିଟି ପକ୍ଷରୁ ବସନ୍ତ ରେଡି (ସଭାପତି), ରାମଚନ୍ଦ୍ର ପାତ୍ର (ସମ୍ପାଦକ),ରାମ ପାତ୍ର,ଗନ୍ଧର୍ବ ନାୟକ, ଅରୁଣ କୁମାର ନାୟକ ପ୍ରମୁଖ ବାଲୁଗାଁ ଠାରୁ ଗଞ୍ଜାମ ପର୍ଯ୍ୟନ୍ତ ନିମ୍ନସ୍ତର କର୍ମଚାରୀ ଠାରୁ ଉଚ୍ଚସ୍ତର ଅଫିସର ପର୍ଯ୍ୟନ୍ତ ତଥା ୧୭୫ଖଣ୍ଡ ଉପରୋକ୍ତ ଶ୍ୟାମକାଳୀ ପୂଜା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ପୀତବାସ ଲେଙ୍କା ପ୍ରକାଶ କରିଛନ୍ତି।

ତାଳଚେରରେ ପ୍ରାୟ ୧୨ କୋଟି ଟଙ୍କା ବ୍ୟୟରେ ନିର୍ମିତ 'ପ୍ରଜାମଣ୍ଡଳ ଭବନ' ଲୋକାର୍ପିତ

ଅନୁଗୋଳ,୧୨।୧୧ :(ମନ୍ତୁନ)ତାଳଚେରର ଐତିହାସିକ ପ୍ରଜାମଣ୍ଡଳ ଆନ୍ଦୋଳନର ସ୍ମୃତିକୁ ଉଜ୍ଜୀବିତ ରଖିବା ସହ ଅଞ୍ଚଳର ସାମାଜିକ ଓ ସାଂସ୍କୃତିକ ବିକାଶ ପାଇଁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ର ମିଳିତ ଉଦ୍ୟମରେ ନିର୍ମିତ ଆଧୁନିକ 'ପ୍ରଜାମଣ୍ଡଳ ଭବନ' ଆଜି ଆନୁଷ୍ଠାନିକ ଭାବେ ଲୋକାର୍ପିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ସମାରୋହରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ମାନ୍ୟବର ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇ ଏହି ପ୍ରଜାମଣ୍ଡଳ ଭବନ ତାଳଚେ



ଭତା ବ୍ୟବସ୍ଥାର ସରଳୀକରଣ ପାଇଁ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ୟୁପିଏମ୍‌ପି ପୋର୍ଟାଲର ଜିଲ୍ଲା ସ୍ତରୀୟ ଶୁଭାରମ୍ଭ

ଯାଜପୁର, ୧୨।୧୧ :(ମନ୍ଥନ) ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଲେଶ୍ୱରଠାରେ ରାଜ୍ୟସ୍ତରୀୟ ଯୁପିଏମ୍‌ପି ପୋର୍ଟାଲ ଉନ୍ମୋଚନ କରିବା ପରେ, ଆଜି ଯାଜପୁର ସହରସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ମଧୁବାବୁ ପେନସନ ଯୋଜନାର ସମ୍ପୂର୍ଣ୍ଣତା ଶୁଭାରମ୍ଭ ର ଜିଲ୍ଲା ସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି । ଏହି ଜିଲ୍ଲା ସ୍ତରୀୟ ଉତ୍ସବରେ ମାନ୍ୟବର ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୋର୍ଟାଲର ଜିଲ୍ଲା ସ୍ତରୀୟ ଉନ୍ମୋଚନ କରିବା ସହ ନୂତନ ହିତାଧିକାରୀମାନଙ୍କୁ ପେନସନ ଭତା ବଂଟନର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ମାନ୍ୟବର ଯାଜପୁର ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା ମଧ୍ୟ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଏହି ବିଶେଷ ଅବସରରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ମାନ୍ୟବର ମନ୍ତ୍ରୀ ଏବଂ ମାନ୍ୟବର ସାଂସଦଙ୍କ ଦ୍ୱାରା 'ଏକୀକୃତ ପେନସନ୍ ପରିଚାଳନା ପୋର୍ଟାଲ୍' ସଚେତନତା ପରିକ୍ରମା ରଥର ଶୁଭାରମ୍ଭ କରାଯାଇଥିଲା । ସଭାରେ ମୁଖ୍ୟ ଅତିଥି ପ୍ରଦୀପ ବଳ ସାମନ୍ତ କହିଥିଲେ ଯେ, ରାଜ୍ୟ ସରକାରଙ୍କ ଦ୍ୱାରା ପୂର୍ବର ଅମାନବୀୟ ଓ ସମ୍ବେଦନହୀନ କୋଟା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସମାପ୍ତ କରାଯାଇ ସବୁ ଯୋଗ୍ୟ ବ୍ୟକ୍ତିଙ୍କୁ ପେନସନ ଦେବାର ଯୁଗ ଆରମ୍ଭ ହୋଇଛି । ଆଜି ଯାଜପୁର ଜିଲ୍ଲାର ୧୦ଟି ବ୍ଲକ୍ ଓ ୨ଟି ପୌରାଂଚଳର ମୋଟ ୩୦,୭୮୭ ଜଣ ନୂଆ ଯୋଗ୍ୟ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇଛି, ଯାହାଦ୍ୱାରା ଜିଲ୍ଲାରେ ମୋଟ ପେନସନ ହିତାଧିକାରୀଙ୍କ ସଂଖ୍ୟା ୨,୭୭,୯୬୦ ରେ ପହଂଚିଛି ଏବଂ ଜିଲ୍ଲା ସାମାଜିକ ସୁରକ୍ଷା କ୍ଷେତ୍ରରେ ସମ୍ପୂର୍ଣ୍ଣତା ବା ସାଚୁରେଶନ ହାସଲ କରିଛି । ଏହି କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ଅବଗତି ଓ ସଚେତନତା ପାଇଁ ଟଚଗଚ ର କାର୍ଯ୍ୟକାରିତା ଓ ଆବେଦନ ପ୍ରକ୍ରିୟା ସମ୍ବନ୍ଧୀୟ ଏକ ସଚେତନତା ଭିଡିଓ ପ୍ରୋଜେକ୍ଟର ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା । ଏହି ପୋର୍ଟାଲ ମାଧ୍ୟମରେ ଆବେଦନକାରୀମାନେ ନିକଟସ୍ଥ ଜନସେବା କେନ୍ଦ୍ର କିମ୍ବା ବିଡିଓ କାର୍ଯ୍ୟାଳୟ ଜରିଆରେ ସ୍ୱଚ୍ଛତା ସହ ଅନଲାଇନ୍ ଆବେଦନ କରିପାରିବେ ଏବଂ ୮୦ ବର୍ଷ ବୟସ ପୂର୍ଣ୍ଣ ହେଲେ ସ୍ୱୟଂକ୍ରିୟ ଭାବେ ବର୍ଦ୍ଧିତ ୩,୫୦୦ ଟଙ୍କା ପେନସନ ଲାଗୁ ହେବ । ସୂଚନାଯୋଗ୍ୟ ଯେ, ମୁଖ୍ୟ କାର୍ଯ୍ୟକ୍ରମ ଶେଷ ହେବା ପରେ ଯାଜପୁର ଜିଲ୍ଲାର ୧୦ଟି ବ୍ଲକରୁ ଆସିଥିବା ନୂତନ ହିତାଧିକାରୀମାନଙ୍କୁ ପ୍ରତ୍ୟକ୍ଷ ଭାବେ ନଗଦ ପେନସନ ଭତା ପ୍ରଦାନ କରାଯାଇଥିଲା । ଏହାସହ ନଭେମ୍ବର ୧୩ ଏବଂ ୧୪ ତାରିଖ ମଧ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ଲକ ସ୍ତରରେ ପୋର୍ଟାଲ ଓ ମଧୁବାବୁ ପେନସନ ଯୋଜନାର ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଉପ-ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ଜାନକୀ ହେମ୍ବ୍ରମ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଏବଂ ଅତିରିକ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଭିନାଶ ସାଗରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବ୍ଲକ ପ୍ରତିନିଧି, ଗଣମାଧ୍ୟମର ପ୍ରତିନିଧି ଏବଂ ବହୁ ସଂଖ୍ୟାରେ ହିତାଧିକାରୀ ଉପସ୍ଥିତ ଥିଲେ ।

ଗଞ୍ଜାମର ପାରମ୍ପରିକ ଲୋକକଳା 'ଗାହଣ' ଉଦଘାଟିତ

କବିସୂର୍ଯ୍ୟନଗର, ୧୨।୧୧ :(ମନ୍ଥନ) ଗଞ୍ଜାମ ଜିଲ୍ଲାର ମାଟି, କଳା ଓ ସଂସ୍କୃତିର ଅନନ୍ୟ ପରିଚୟ ବହନ କରୁଥିବା ପାରମ୍ପରିକ ଲୋକକଳା 'ଗାହଣ'କୁ ନେଇ ଉତ୍ସବମୁଖର ହୋଇଉଠିଛି କବିସୂର୍ଯ୍ୟନଗର ସହର । କବିସୂର୍ଯ୍ୟନଗର ସହରର କନକପାଟଣା ସାହିରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ମା' କନକଦୁର୍ଗା ଓ ମା' ମଙ୍ଗଳାଙ୍କ ଓଷାକୋଠି ଯାତ୍ରା ଉଦଯାପିତ ହୋଇଯାଇଛି । ଏହି ଅବସରରେ ଗାହଣ,ଲୋକନୃତ୍ୟ ଓ ସଙ୍ଗୀତର ଆୟୋଜନ କରାଯାଇଥିଲା ।ବରିଷ୍ଠ କଳାକାର ସୁବାସ ଚନ୍ଦ୍ର ଜେନାଙ୍କ ସଂଯୋଜନାରେ ଆୟୋଜିତ ଏହି ଲୋକକଳା କାର୍ଯ୍ୟକ୍ରମକୁ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ସମାଜସେବୀ ରାମ ପ୍ରସାଦ ମହାରଣା ଓ ଗଞ୍ଜାମ ଜିଲ୍ଲା ଦଣ୍ଡନାଚ ସଂଘର ସଭାପତି ବ୍ରଜସୁନ୍ଦର ମଲିକ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ସୀତାରାମ ପାଣିଗ୍ରାହୀ ଓ ବିଜେପି ମଣ୍ଡଳ ସଭାପତି ଅଶୋକ କୁମାର ଜେନା ଉପସ୍ଥିତ ରହିଥିଲେ ।ଗଞ୍ଜାମର ଏହି ପାରମ୍ପରିକ ଲୋକକଳାକୁ ବଞ୍ଚାଇ ରଖିବା ସହ କଳାକାର ମାନଙ୍କୁ ଉତ୍ସାହିତ କରିବା ଦିଗରେ ଆୟୋଜକଙ୍କ ଏଭଳି ପ୍ରୟାସକୁ ଅତିଥିମାନେ ପ୍ରଶଂସା କରିଥିଲେ । ଏହାସହ ଲୋକକଳା ଓ ଲୋକସଂସ୍କୃତିର ସୁରକ୍ଷା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ ।କାର୍ଯ୍ୟକ୍ରମରେ ଗାହଣ ଗାୟକ ବିଶ୍ୱନାଥ ଶତପଥୀ, ସୀମାଞ୍ଚଳ ନାହାକ, ନିରଞ୍ଜନ ପାତ୍ର ଓ ମଙ୍ଗୁଲୁ ସାହୁ ନିଜର ସୁମଧୁର କଣ୍ଠରେ ଗାହଣ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଏହି ଲୋକକଳା ଉପଭୋଗ କରିବା ପାଇଁ ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରୋତା ଓ ଦର୍ଶକଙ୍କ ସମାଗମ ହୋଇଥିଲା ।କନକପାଟଣା ସାହିବାସୀଙ୍କ ମିଳିତ ସହଯୋଗ ଓ ପରିଚାଳନାରେ କାର୍ଯ୍ୟକ୍ରମଟି ସଫଳତାର ସହ ଅନୁଷ୍ଠିତ ହୋଇଥିଲା । ଗଞ୍ଜାମର ଏହି ପୁରାତନ ଲୋକକଳାକୁ ଆଗାମୀ ପିଢ଼ି ପାଖରେ ପହଞ୍ଚାଇବା ପାଇଁ ଏଭଳି ଆୟୋଜନ ଏକ ପ୍ରଶଂସନୀୟ ପଦକ୍ଷେପ ପାଲଟିଛି ବୋଲି ପ୍ରଶଂସକ ମହଲରୁ ମତପ୍ରକାଶ ପାଇଛି ।

ଜିଲ୍ଲା ସ୍ତରୀୟ ନୂଆ ମଧୁବାବୁ ପେନସନ୍ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୟାଗଡ଼, ୧୨।୧୧ :(ମନ୍ଥନ) ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ମଧୁ ବାବୁ ପେନସନ୍ ଯୋଜନା ଅନ୍ତର୍ଗତ ନୂଆ ପେନସନ୍ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ମାନ୍ୟବର ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ଏବଂ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୋଟ୍ ୮୦୦ ଜଣ ନୂଆ ହିତାଧିକାରୀଙ୍କୁ ନୂଆ ଭତା ବଣ୍ଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡପଡ଼ା ବିଧାୟକ ଶ୍ରୀ ଦୁଷ୍ମନ୍ତ ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ନୟାଗଡ଼ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥ, ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ନିରୂପମା ଖଟେଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଲଗ୍ନଜିତ ରାଉତ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସର୍ବ ?ଶ୍ୱର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।



କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସ୍ୱାଗତ ସୂଚନା ପ୍ରଦାନ କରିଥିବାବେଳେ ଜିଲ୍ଲାପାଳ ସ୍ୱାଗତ ଭାଷଣ ଦେଇଥିଲେ । ଅତିଥିମାନେ ନୂଆ ପେନସନ୍ ବଣ୍ଟନ ଉପରେ ନିଜର ବକ୍ତବ୍ୟ ରଖିଥିଲେ । ମାନ୍ୟବର ମନ୍ତ୍ରୀ ଶ୍ରୀ ମଲ୍ଲିକ ୟୁନିଫାଇଡ୍ ପେନସନ୍ ମ୍ୟାନେଜମେଣ୍ଟ ପୋର୍ଟାଲ୍ ସମ୍ପର୍କରେ ବିଶେଷ ଆଲୋକପାତ କରିଥିଲେ । ଏବେ ଆଉ ଟାର୍ଗେଟ୍ ପାଇଁ ଅପେକ୍ଷା କରିବାକୁ ପଡ଼ିବନି ଏବଂ ପ୍ରତି ମାସରେ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ମଞ୍ଜୁର କରାଯିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ।ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ କାମଦେବ ନାୟକଙ୍କ ସମେତ ଜିଲ୍ଲା ଓ ବ୍ଲକରୁ ଆସିଥିବା ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଶେଷରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଲଗ୍ନଜିତ ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ବୈତରଣୀ ନଦୀରେ ବୁଡ଼ି ଦୁଇ ପର୍ଯ୍ୟଟକଙ୍କ ଶଳିଳ ସମାଧି

ଯାଜପୁର, ୧୨।୧୧ :(ମନ୍ଥନ) ଯାଜପୁର ବରାହନାଥ ନିକଟ ବୈତରଣୀ ନଦୀରେ ଅଘଟଣ । ଗାଧୋଉଥିବା ବେଳେ ବୁଡ଼ିଗଲେ ଦୁଇ ପର୍ଯ୍ୟଟକ ସ୍ୱାମୀ-ସ୍ତ୍ରୀ । ଉଦ୍ଧାର ପାଇଁ ଆରମ୍ଭ ହୋଇଥିଲା ଜୋରଦାର ପ୍ରୟାସ । ଖବର ପାଇ ଅଗ୍ନିଶମ ବାହିନୀ ଉଭୟଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା । ହେଲେ ଦୁଃଖଦ ଖବର, ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କର ମୃତ୍ୟୁ ହୋଇଛି । ମୃତ ଦମ୍ପତି ହେଉଛନ୍ତି ଆନ୍ଧ୍ରପ୍ରଦେଶ ପାଲାମନେର ଅଂଚଳର ଏମ୍. ଶ୍ରୀନିବାସ ସୁଲୁ ଓ ଏମ୍. ଦେବୀ । ମା' ବିରଜାଙ୍କ ଦର୍ଶନ ସାରି ଦଶାଶ୍ୱମେଧ ଘାଟ ନିକଟରେ ବୈତରଣୀ ନଦୀରେ ବୁଡ଼ ପକାଉଥିବା ବେଳେ ଘଟିଥିଲା ଏହି ଅଭାବନୀୟ ଘଟଣା । ଧର୍ମୀୟ ଭାବନା ନେଇ ମା' ବିରଜାଙ୍କ ଦର୍ଶନ ପାଇଁ ଯାଜପୁର ଆସିଥିଲେ ଆନ୍ଧ୍ରପ୍ରଦେଶର ଏହି ଦମ୍ପତି । ଦର୍ଶନ ପରେ ଦଶାଶ୍ୱମେଧ ଘାଟ ନିକଟରେ ବୈତରଣୀ ନଦୀରେ ସ୍ନାନ କରୁଥିବା ସମୟରେ ହଠାତ୍ ଉଭୟ ନଦୀରେ ବୁଡ଼ିଯାଇଥିଲେ । ଉଭୟଙ୍କୁ ବୁଡ଼ିଯାଉଥିବା ଦେଖି ସେଠାରେ ଉପସ୍ଥିତ ଲୋକେ ଉଦ୍ଧାର ପାଇଁ ଉଦ୍ୟମ କରିଥିଲେ । ଖବର ପାଇ ତୁରନ୍ତ ଅଗ୍ନିଶମ ବାହିନୀ ପହଂଚି ନଦୀରୁ ଉଭୟଙ୍କୁ ଉଦ୍ଧାର କରିଥିଲା । ପରେ ଗୁରୁତର ଅବସ୍ଥାରେ ଉଭୟଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା । ହେଲେ ଚିକିତ୍ସା ସତ୍ୱେ ଉଭୟଙ୍କ ଜୀବନ ରକ୍ଷା କରାଯାଇ ପାରିନଥିଲା । ଏହି ଦୁଃଖଦ ଘଟଣାକୁ ନେଇ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।


କୋଷ୍ଟାରେ ୫୧ତମ କାଳୀପୂଜା ଅନ୍ନବସ୍ତ୍ର ମହାଯଜ୍ଞ

ମୋରଡ଼ା, ୧୨।୧୧ :(ମନ୍ଥନ) ଭକ୍ତି, ଶ୍ରଦ୍ଧା ଓ ସେବା ମନୋଭାବର ଅନନ୍ୟ ନିଦର୍ଶନ ପାଲଟିଛି ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ ଅନ୍ତର୍ଗତ କୋଷ୍ଟା ଠାରେ ଆୟୋଜିତ ୫୧ତମ କାଳୀପୂଜା ଅନ୍ନବସ୍ତ୍ର ମହାଯଜ୍ଞ । ଦୀର୍ଘ ୫୧ ବର୍ଷର ଧାର୍ମିକ ପରମ୍ପରା ଓ ଆସ୍ଥାକୁ ବଜାୟ ରଖି ଚଳିତ ବର୍ଷ ମଧ୍ୟ ମହାଆଡ଼ମ୍ବରରେ ଏହି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହି ଧାର୍ମିକ ଓ ସେବାମୂଳକ କାର୍ଯ୍ୟକ୍ରମରେ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତଙ୍କ ସମାଗମ ହୋଇଥିବା ବେଳେ ପୂଜାମଣ୍ଡପ ପରିସର ଭକ୍ତିମୟ ପରିବେଶରେ ପରିପୂର୍ଣ୍ଣ ହୋଇଉଠିଥିଲା । ଏହି ଅବସରରେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମା' କାଳୀଙ୍କ ଦର୍ଶନ କରିବା ସହ ଆୟୋଜିତ ଅନ୍ନବସ୍ତ୍ର ମହାଯଜ୍ଞରେ ସାମିଲ ହୋଇଥିଲେ । ଏହି ଅବସରରେ ସେ ଉପସ୍ଥିତ ବୃଦ୍ଧବୃଦ୍ଧାମାନଙ୍କୁ ନିଜ ହାତରେ ଅନ୍ନ ଓ ବସ୍ତ୍ର ପ୍ରଦାନ କରି ସେମାନଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ । ମନ୍ତ୍ରୀଙ୍କ ଏହି ସେବାମୂଳକ ପଦକ୍ଷେପ ଉପସ୍ଥିତ ଜନସାଧାରଣଙ୍କ ମଧ୍ୟରେ ଆନନ୍ଦ ଓ ଉତ୍ସାହ ସୃଷ୍ଟି କରିଥିଲା । କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲା ମନ୍ତ୍ରୀଙ୍କ ଅନୁଦାନ ଘୋଷଣା । କୋଷ୍ଟା ଠାରେ କାଳୀପୂଜା ମଣ୍ଡପର ନିର୍ମାଣ ଓ ବିକାଶ ପାଇଁ ମନ୍ତ୍ରୀ ୧୦ ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିଥିବା ବେଳେ ଦୁର୍ଗାପୂଜା ମଣ୍ଡପ ନିର୍ମାଣ ପାଇଁ ମଧ୍ୟ ୬ ଲକ୍ଷ ଟଙ୍କା ଅନୁଦାନ ଘୋଷଣା କରିଥିଲେ । ମନ୍ତ୍ରୀଙ୍କ ଏହି ଘୋଷଣାକୁ ଅଞ୍ଚଳବାସୀ ସ୍ୱାଗତ କରିବା ସହ ଦୀର୍ଘଦିନର ଆଶା ପୂରଣ ହେବା ନେଇ ଆଶାବାଦୀ ହୋଇଛନ୍ତି ।ଅନ୍ୟପଟେ ଏହି ମହାଯଜ୍ଞରେ ଜାତି, ଧର୍ମ ଓ ବର୍ଗର ଭେଦଭାବ ଭୁଲି ହଜାର ହଜାର ଲୋକ ଏକତ୍ରିତ ହୋଇଥିଲେ । ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ମା'ଙ୍କ ଅନୁପ୍ରସାଦ ସେବନ କରିଥିଲେ । ଏଥିସହ କାର୍ଯ୍ୟକ୍ରମକୁ ଆସିଥିବା ଲୋକମାନଙ୍କୁ କମିଟି ପକ୍ଷରୁ ବସ୍ତ୍ର ବଣ୍ଟନ କରାଯାଇଥିଲା । ଅନୁଦାନ ଓ ବସ୍ତ୍ରଦାନ ଭଳି ମହତ୍ କାର୍ଯ୍ୟ ମାଧ୍ୟମରେ ସମାଜରେ ସେବା, ସମର୍ପଣ ଓ ମାନବିକତାର ବାର୍ତ୍ତା ପ୍ରସାରିତ ହୋଇଥିଲା ।ଦୀର୍ଘ ୫୧ ବର୍ଷ ଧରି କୋଷ୍ଟା ଠାରେ ଚାଲିଆସୁଥିବା ଏହି କାଳୀପୂଜା ଅନ୍ନବସ୍ତ୍ର ମହାଯଜ୍ଞ କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ବରଂ ଏହା ସାମାଜିକ ଏକତା, ଭାଇଚାରା ଓ ମାନବସେବାର ଏକ ଅନନ୍ୟ ପରିଚୟ ସୃଷ୍ଟି କରିଛି ।ଅନୁଷ୍ଠାନର ପ୍ରତିଷ୍ଠାତା ଛତିଶ ଦତ୍ତ, ସଭାପତି ଅରୁଣ ଦତ୍ତ, ସମ୍ପାଦକ ଶିଶିର ଚାନ୍ଦ, କସାଧକ୍ଷ ତପନ ମଣ୍ଡଳ,ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ପ୍ରତିନିଧି ପ୍ରଦୀପ ମହାନ୍ତି,ପୂର୍ବତନ ବିଧାୟକ କାଦ୍ରା ସୋରେନ,୧୪୫ ଥର ରକ୍ତ ଦାନ କରି ବହୁ ଲୋକଙ୍କ ଜୀବନ ବଞ୍ଚାଇଥିବା ବିଶିଷ୍ଟ ସମାଜସେବୀ ନିରୋଜ ପୁଥାଳ, ବିଶିଷ୍ଟ ବ୍ୟବସାୟୀ ସୁଜିତ କୁମାର ସାହୁ, ବିଶିଷ୍ଟ ଶିକ୍ଷାବିତ ପ୍ରଭଞ୍ଜନ ରାଉତ ଉପସ୍ଥିତ ଥିଲେ ଏହି ଅବସରରେ ପୁସ୍ତକ ଅନ୍ନପୂର୍ଣ୍ଣା - ୨୦୨୬ ଉନ୍ମୋଚନ ହୋଇଥିଲା



ଯୁବଚାଷୀ ବୁଲୁ ମଲିକଙ୍କ ମୃତ୍ୟୁ ଘଟଣା
ଶୋକସନ୍ତପ୍ତ ପରିବାରକୁ ଭେଟିଲେ ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଓ ଆସିକା ସାଂସଦ

କବିସୂର୍ଯ୍ୟନଗର, ୧୨।୧୧ :(ମନ୍ଥନ) ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ବ୍ଲକ ବାଲିଆସରା ଗ୍ରାମ ପଞ୍ଚାୟତର ସଦାବର୍ତ୍ତ ନୂଆଗାଁରେ ଯୁବ ଚାଷୀ ବୁଲୁ ମଲିକଙ୍କ ଗତ ସାତ ଦିନ ତଳେ ମୃତ୍ୟୁ ଘଟିଥିବା ବେଳେ ଆଜି ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ ଓ ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ । ଗତ ସାତ ଦିନ ତଳେ ସଦାବର୍ତ୍ତ ନୂଆଁଗାଁର ଯୁବ ଚାଷୀ ବୁଲୁ ମଲିକ ଆତ୍ମହତ୍ୟା କରିଥିଲେ ।ଏହାକୁ ନେଇ ଅଞ୍ଚଳରେ ଶୋକା କୁଳ ପରିବେଶ ସୃଷ୍ଟି ହୋଇଥିଲା । ଏହା ପୂର୍ବରୁ ଆସିକା ବିଜେପି ବିଧାୟକ ସରୋଜ କୁମାର ପାଢ଼ୀ ମଧ୍ୟ ମୃତ ଚାଷୀଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ସରକାରୀ ସହାୟତା ଯୋଗାଇଦେବା ନେଇ ଆଶ୍ୱାସନା ଦେଇଥିଲେ ।ଏହି କ୍ରମରେ ଆଜି ସନ୍ଧ୍ୟାରେ ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ ଓ ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ ମୃତକଙ୍କ ପରିବାର ନିକଟରେ ପହଞ୍ଚି ଶୋକବ୍ୟକ୍ତ କରିଥିଲେ । ଏଭଳି ଦୁଃଖଦ ସମୟରେ ପରିବାରକୁ ଧୈର୍ଯ୍ୟ ଧରିବାକୁ କହିବା ସହ ଚାଷୀ ପରିବାରକୁ ସରକାରଙ୍କ ପକ୍ଷରୁ ନିୟମ ଅନୁଯାୟୀ ଆବଶ୍ୟକୀୟ ସହାୟତା ଯୋଗାଇଦେବା ନେଇ ଆଶ୍ୱାସନା ଦେଇଥିଲେ ।ଆଜିର ଏହି ଗୁରୁ ସମୟରେ ଅନ୍ୟ ମାନଙ୍କ ମଧ୍ୟରେ ବିଜେପି ଜିଲ୍ଲା ସଭାପତି ବିଜୟ କୁମାର ସ୍ୱାଇଁ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ମନୋଜ ପ୍ରଧାନ,ରାଜ୍ୟ କୃଷକ ମୋର୍ଚ୍ଚା ଉପ ସଭାପତି ଆଲୋକ ଚନ୍ଦ୍ର ମହାନ୍ତି, ରାଜ୍ୟ କୃଷକ ମୋର୍ଚ୍ଚା କୋଷାଧକ୍ଷ ବିଶ୍ୱଜିତ ସ୍ୱାଇଁ,ସ୍ଥାନୀୟ କୃଷକ ମୋର୍ଚ୍ଚା ନେତା ସନ୍ତୋଷ ବିଶ୍ୱାଳ,ବିଜେପି ଜିଲ୍ଲା ଉପସଭାପତି ଶ୍ରୀକାନ୍ତ ମହାପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି ମନୋଜ ନାୟକ, ବାଲିଆସରା ମଣ୍ଡଳ ସାଧାରଣ ସମ୍ପାଦକ ଦିଲୀପ କୁମାର ସାହୁଙ୍କ ସମେତ ଆସିକା ସାଂଗଠନିକ ଜିଲ୍ଲାର ବହୁ ବିଜେପି ନେତା ଓ କର୍ମୀ ଉପସ୍ଥିତ ରହି ଚାଷୀ ପରିବାରର ଦୁଃଖରେ ସାମିଲ ହେବା ସହ ସରକାରୀ ସହାୟତା ପ୍ରଦାନ ନେଇ ନେତାମାନେ ଆଶ୍ୱାସନା ସହ



ଶୁକ୍ରବାର ୧୩ ନଭେମ୍ବର, ୨୦୨୬, ଭୁବନେଶ୍ୱର

Friday November 13, 2026 Bhubaneswar

'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

ଆଧ୍ୟାତ୍ମିକତାରେ ସର୍ବ ଶ୍ରେଷ୍ଠ ମାସ କାର୍ତ୍ତିକ

ଡ଼କ୍ଟର ରାମଚନ୍ଦ୍ର ଦାଶ

ହିନ୍ଦୁ ଧର୍ମଶାସ୍ତ୍ର ବା ଓଡ଼ିଆ ସଂସ୍କୃତିରେ ବାର ମାସରେ ତେର ପର୍ବ ପାଳନ କରାଯାଏ । ପ୍ରାଣୀ ମାନଙ୍କର ମଙ୍ଗଳ ତଥା ଉଚିତ ପଥ ପ୍ରଦର୍ଶନ ପୂର୍ବକ ସୃଷ୍ଟିକର୍ତ୍ତା ଅନେକ ଧାର୍ମିକ ମାର୍ଗ ପ୍ରଦର୍ଶନ କରିଛନ୍ତି , ଯାହାଦ୍ୱାରା ମାନବ ସମାଜର ମଙ୍ଗଳ ସାଧନ, ହୃଦୟ ରେ ଧାର୍ମିକ ଭାବନା ବା ଭକ୍ତି ଜାଗ୍ରତ ହେବ । ବିଭିନ୍ନ ପର୍ବ - ପର୍ବାଣୀ ପାଳନ, ନୈବେଦ୍ୟ ଅର୍ପଣ ଆଦି ଆମେ ନିଷ୍ଠାର ସହ ପାଳନ କରିଥାଉ ।ମାସ ମାନଙ୍କ ମଧ୍ୟରେ ଶ୍ରେଷ୍ଠ କାର୍ତ୍ତିକ ମାସକୁ କୁହାଯାଇଛି,କାରଣ ଏହି ମାସରେ ରାଧାଦାମୋଦର ବିଗ୍ରହ ଙ୍କୁ ପୂଜା ଅର୍ଚ୍ଚନା କରାଯାଇଥାଏ । ପ୍ରଭୁ ଶ୍ରୀକୃଷ୍ଣଙ୍କୁ ଯେଉଁ ଦଉଡ଼ି ରେ ମାଆ ଯଶୋଦା ବାନ୍ଧି ଦେଇଥିଲେ, ସେହି ଦଉଡ଼ି ର ନାମ ଥିଲା ' ଦାମ ' । ତେଣୁ ତାଙ୍କୁ ଦାମୋଦର ବୋଲି କୁହାଯାଏ । କାର୍ତ୍ତିକ ମାସର ପ୍ରତ୍ୟେକ ଦିନଟିର ମହତ୍ତ୍ୱ ରହିଛି । ଏହି ମାସଟି ସାରା ଅନେକ ପର୍ବ - ପର୍ବାଣୀ ପାଳନ କରାଯାଏ , ଯଥା :- ଦିପାବଳୀ,ଭ୍ରାତୃ ଦ୍ୱିତୀୟା , ଗୋଷ୍ଟାଷ୍ଟମୀ, ଅଁଳା ନବମୀ, ବଡ଼ ଏକାଦଶୀ,ବୈକୁଣ୍ଠ ଚତୁରଦ୍ଦଶୀ, ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ, ଏକାଦଶୀ ଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ପଞ୍ଚୁକ ବ୍ରତ ଯାହାକି ବକପଞ୍ଚକ ନାମରେ ନାମିତ କରାଯାଇଛି । ଯାହାକି ପ୍ରତିଟି ଘରର ଚଉରା ବା ମା' ବୃନ୍ଦାବତୀ ମୂଳରେ ପଞ୍ଚ ବର୍ଣ୍ଣ ମୁରୁଜ ରେ ମହିଳାମାନଙ୍କ ଦ୍ୱାରା ଚାରି ବିଗ୍ରହଙ୍କ ଚିତା ବା ଝୋଟି ଅଙ୍କନ କରାଯାଏ ।

ଆଶ୍ୱିନ ମାସ ଶୁକ୍ଳପକ୍ଷ ଏକାଦଶୀ ଠାରୁ କାର୍ତ୍ତିକ ମାସ ଶୁକ୍ଳଦଶମୀ ପର୍ଯ୍ୟନ୍ତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଦାମୋଦର ବେଶ ଅନୁଷ୍ଠିତ ହୁଏ । ଶ୍ରୀମନ୍ଦିର ରେ ଏହି ବେଶ ଅନୁଷ୍ଠିତ ହେଉଥିବାରୁ ଏହାକୁ ଦାମୋଦର ମାସ କୁହାଯିବା ସହିତ ହବିଷ୍ୟ ମାସ,ମହା କାର୍ତ୍ତିକ ମାସ,ପ୍ରଦୀପ ପ୍ରଜ୍ୱଳନର ମାସ,ଚଉରା ବା ବୃନ୍ଦାବତୀ ସେବାର ମାସ,ଧର୍ମର ମାସ କାର୍ତ୍ତିକ,ଆକାଶ ଦୀପର ମାସ ଓ ଧର୍ମ ମାସ ମଧ୍ୟ କୁହାଯାଏ । ବିଷ୍ଣୁଙ୍କର ଅତିପ୍ରିୟ ବ୍ରତ କାର୍ତ୍ତିକ ବ୍ରତ ।ସମସ୍ତ ବ୍ରତ ମାନଙ୍କ ମଧ୍ୟରେ ଏହା ଶ୍ରେଷ୍ଠ ହୋଇଥାଏ । ସମସ୍ତ ଦେବତା ମଧ୍ୟ ଏହି କାର୍ତ୍ତିକ ବ୍ରତରେ ସନ୍ତୋଷ ଲାଭ କରନ୍ତି ଏବଂ ଯେଉଁ ବ୍ରତକୁ ଉଭୟ ନର ଓ ନାରୀ ପାଳନ କରିପାରିବେ ଏହା ସନାତନ ଧର୍ମୀୟ ଗ୍ରନ୍ଥ 'ବେଦ' ରେ ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଛି । ଏହି ବ୍ରତ ପାଳନ କଲେ ସକଳ ପାପ ନାଶ ଯାଏ, ରୋଗ ନାଶ ଯାଏ,ସକଳ ତୀର୍ଥ ର ପୁଣ୍ୟ ପ୍ରାପ୍ତି ହୁଏ । ନିଷ୍ଠା, କାମନା ବିହୀନ ପୂଜା କରିବା ଦ୍ୱାରା ବୈକୁଣ୍ଠ ପ୍ରାପ୍ତି ହୁଏ ବୋଲି ଜଗନ୍ନାଥ ସଂସ୍କୃତିରେ ବର୍ଣ୍ଣିତ ଅଛି

କାର୍ତ୍ତିକ ବ୍ରତ ବିଶେଷ କରି ବିଧବା ସ୍ତ୍ରୀ ଲୋକମାନେ ଅତ୍ୟନ୍ତ ନିଷ୍ଠାର ସହିତ, ନିଜର ଆତ୍ମାର କଲ୍ୟାଣ ନିମନ୍ତେ, ସଂସାରର ହିତ ସାଧନ ନିମିତ୍ତ ପ୍ରାତଃ ସ୍ନାନ ସାରି ବିଷ୍ଣୁଙ୍କର ପ୍ରିୟ ତୁଳସୀ ଚଉରା ମୂଳରେ ରାଇ - ଦାମୋଦର ପୂଜା କରନ୍ତି। ଝୋଟି ମୁରୁଜ ରେ ଚତୁର୍ଦ୍ଧାମୂର୍ତ୍ତି, କପୋତ - କପୋତି,ଶଙ୍ଖ, ଚକ୍ର, ସ୍ୱର୍ଗ ସିଡ଼ି ଆଦି ଚିତ୍ର ଆଙ୍କି ପୂଜା କରନ୍ତି । ଦିବସ ରେ ଏକବାର ହବିଷ୍ୟ ଅନ୍ନ ଭୋଜନ ନିଷ୍ଠାର ସହିତ କରନ୍ତି ଏବଂ ଆମିଷ ଭକ୍ଷଣ, କଞ୍ଚାଫଳ ଭକ୍ଷଣ ନିଷେଧ



ହୋଇଥାଏ । ସାରା ମାସ ତେଳ ମର୍ଦ୍ଦନ ମଧ୍ୟ ନିଷେଧ ହୋଇଥାଏ । କୁସଙ୍ଗ,ମିଥ୍ୟା, ପରିହାସ ଠାରୁ ଦୂରେଇ ରହି ନିଷ୍ଠା ଓ ଭକ୍ତିର ସହିତ ଏହି ବ୍ରତକୁ ପାଳନ କରିବା ବିଧେୟ । ଶୁକ୍ଳ ବର୍ଣ୍ଣର ଧାନର ଚାଉଳ,ନାରିକେଳ ବା ନଡ଼ିଆ,ବନ୍ତଳ କଦଳୀ,ସାରୁ,ଓଉ, ଅଦା ପ୍ରଭୃତି ଦ୍ରବ୍ୟକୁ ପ୍ରାଧାନ୍ୟ ଦିଆଯାଇଥାଏ । ଯେଉଁ ଭୋଜନ ପ୍ରସ୍ତୁତ କରିବ ତାହାକୁ ନିଷ୍ଠାର ସହିତ ପ୍ରଭୁଙ୍କୁ ସମର୍ପଣ ତଥା ଭୋଗ ଦେଇ ଗ୍ରହଣ କରିବ । ସଂଧ୍ୟା ଆଳତି ରେ ଚଉରା ବା ବୃନ୍ଦାବତୀ ମୂଳରେ ଅଖଣ୍ଡ ଆକାଶ ଦୀପ ପ୍ରଜ୍ୱଳନ ସ୍ୱରୂପ କାର୍ତ୍ତିକ ମାହାତ୍ମ୍ୟ ପଠନ କରି ନିଜର ମନ ଓ ହୃଦୟକୁ ଦାମୋଦରଙ୍କ ଚରଣରେ ସମର୍ପଣ କରି ଦିଅନ୍ତି ।

କାର୍ତ୍ତିକ ମାସ ଧର୍ମର ମାସ, ତେଣୁ ଏହି ମାସରେ ଦାନ ଏବଂ ଧର୍ମ କରିବା ବିଧେୟ । ଗୁରୁଙ୍କୁ ଦକ୍ଷିଣା ଦାନ, ବ୍ରାହ୍ମଣ ଙ୍କୁ ବସ୍ତ୍ର ଦାନ, ଭିକ୍ଷୁକ କୁ ଅନ୍ନଦାନ, ପଶୁପକ୍ଷୀଙ୍କୁ ଖାଦ୍ୟ ଦାନ କରିବା ଦ୍ୱାରା ସର୍ବଶ୍ରେଷ୍ଠ ପୁଣ୍ୟ ହୋଇଥାଏ । ପୁଣ୍ୟ ଏବଂ ପାପର ଅର୍ଥ ବୁଝି ଜୀବନର ରାସ୍ତାରେ ଚାଲୁଥିବା ମଣିଷଟି କାର୍ତ୍ତିକ ବ୍ରତରେ ନିଜକୁ ଦାମୋଦରଙ୍କର ପରମ ସେବକ ଟିଏ ପ୍ରତିପାଦ୍ଧ ସ୍ୱରୂପ ନିଜକୁ ସତ୍ୟ ଧର୍ମର ପଥରେ ସଦା ନେବାକୁ ନିବେଦନ କରୁଥାଏ ।

ପରମ ପାବନ ପୁରୁଷୋତ୍ତମ କ୍ଷେତ୍ର ବା ଶ୍ରୀକ୍ଷେତ୍ର ଧାମ,ଚାରି ଧାମ ମଧ୍ୟରେ ଶ୍ରେଷ୍ଠ ଧାମ । ବଦ୍ରୀନାଥ ଧାମ, ରାମନାଥ ଧାମ, ଦ୍ୱାରିକାନାଥ ଧାମ ଓ ଜଗନ୍ନାଥ ଧାମ ବା ପୁରୁଷୋତ୍ତମ ଧାମ ଏହି ଚାରି ଧାମର ଫଳ ବା ପୁଣ୍ୟପ୍ରାପ୍ତି କେବଳ ଜଗନ୍ନାଥ ଧାମରେ ହିଁ ହୋଇଥାଏ । ବଦ୍ରୀନାଥ ଧାମ, ରାମନାଥ ଧାମ,ଓ ଦ୍ୱାରିକା ରେ ଦ୍ୱାରିକାନାଥ ହୋଇଥିବାବେଳ ପୁରୀ ରେ ବା ନୀଳାଚଳ ରେ ନୀଳାଚଳ ନାଥ ନ ହୋଇ ପ୍ରଭୁଙ୍କୁ ଜଗତର ନାଥ କୁହାଯାଇଛି । ଶ୍ରୀକ୍ଷେତ୍ର ରେ ମାସଟିଏ ରହି ହବିଷ୍ୟ କରିବାକୁ କାହିଁ କେତେ ଦୂରରୁ ଭକ୍ତମାନେ ଧାଇଁ ଆସନ୍ତି ପତିତପାବନ ଦର୍ଶନ,ପଞ୍ଚତୀର୍ଥ ରେ ସ୍ନାନ, ଅରୁଣସ୍ତମ୍ଭ ମୂଳରେ ପ୍ରାର୍ଥନା, ଶ୍ରୀ ମହାପ୍ରସାଦ ସେବନ ଆଦି ସେବା ପ୍ରଭୁଙ୍କ ଉଦ୍ଦେଶ୍ୟ ରେ କରିଥାଆନ୍ତି । ସେମାନଙ୍କ ଭକ୍ତି ପୂର୍ଣ୍ଣ ପରିବେଶ ରେ ହସିଉଠେ ସିଂହ ଦ୍ୱାର । ରାଇ - ଦାମୋଦର ପୂଜନ ସମୟରେ କାର୍ତ୍ତିକ ପୁରାଣ ପାଠ କରିଥାନ୍ତି । ପୁରାଣରେ ବର୍ଣ୍ଣିତ ହୋଇଛି ଯେଉଁମାନେ ସଙ୍କଳ୍ପ ମନାସୀ ନିଷ୍ଠାର ସହିତ ଏହି ବ୍ରତ କରି ଶେଷରେ ଉଦଯାପନ୍ କରିଥାନ୍ତି, ସେମାନଙ୍କର ଆୟୁ , ଯଶ,ଧନ ବୃଦ୍ଧି ପାଇଥାଏ ଓ ସେମାନେ ବିଷ୍ଣୁଲୋକ ପ୍ରାପ୍ତ ହୋଇଥାନ୍ତି । କାର୍ତ୍ତିକ ବ୍ରତ ନକରି ଯେଉଁ ଲୋକ କାର୍ତ୍ତିକ ମାସରେ ଧର୍ମ ଦ୍ରୋହୀ ହୋଇଥାଏ,ଗୁରୁ ନିନ୍ଦା,ପାପକର୍ମ ଆମିଷ ଭକ୍ଷଣ ଆଦି କର୍ମ କରିଥାଏ, ମୃତ୍ୟୁ ପରେ ତାହାକୁ କୁମ୍ଭୀପାକ ନର୍କ ଯନ୍ତ୍ରଣା ଭୋଗିବାକୁ ପଡ଼ିଯାଏ । ଯମଦୂତମାନେ ତାହାକୁ ଅଗ୍ନି କୁଣ୍ଡ ରେ ପକାନ୍ତି, କଣ୍ଢା ବାଡ଼ରେ ଘୋଷାଡି ଘୋଷାଡି ନିଅନ୍ତି । ପୋକ ସାଲୁବାଲୁ କୁଣ୍ଡରେ ତାହାକୁ ଫୋପାଡ଼ି ଦିଅନ୍ତି । ନାକ ପୁଡା ରେ କଣ୍ଢା ବାଡ଼ ?ରେ ପାଟିରେ ଧୂଳି ଭର୍ତ୍ତି କଲା ଦଣ୍ଡ ଦିଅନ୍ତି। କାର୍ତ୍ତିକ ବ୍ରତ କରିଥିବା ବ୍ୟକ୍ତିଙ୍କୁ ଏପରି ଦଣ୍ଡ ମିଳି ନଥାଏ । ତେଣୁ ପ୍ରତ୍ୟେକ ବ୍ୟକ୍ତି ଜୀବନରେ ପୁଣ୍ୟ ଲାଭ କରିବା ବିଧେୟ ।

- ଜୟ ଶ୍ରୀ ଜଗନ୍ନାଥ -
:- ସାରସ୍ୱତ ଭବନ :-
ପ୍ର.ସମ୍ପାଦକ'ସଂସ୍କାର' ପତ୍ରିକା
ଗ୍ରାମ - ଅକରପଡ଼ା, ପୋଷ୍ଟ-ନଳୀପୁର, ଭାୟା-ବାଲିଚନ୍ଦ୍ରପୁର,
ଜିଲ୍ଲା-କଟକ,ମୋ ନଂ - ୮୪୫୭୯୯୧୩୧୭
ଇ-ମେଲ୍ ଆଇଡ୍ -
ramachandradash71@gmail.com

ପତି ପରମେଶ୍ୱର

ପଙ୍କଜ କୁମାର ପାଣିଗ୍ରାହୀ

ଇଂରେଜ ଶାସନ କାଳରେ ଭାରତୀୟ ଦର୍ଶନ / ଧର୍ମ ଶାସ୍ତ୍ର ଗୁଡିକୁ ଯେତିକି ବିକୃତ କରାଯାଇଥିଲା ତା' ବିଷୟରେ ସାଧାରଣ ଲୋକଙ୍କ ଜ୍ଞାନ କେତେ ରହିଥିବ ଅଜ୍ଞାତ । ପରବର୍ତୀ ସମୟରେ (ଅଜ୍ଞାନ) ଚତୁର ଆମ ବିଶେଷ ଦାର୍ଶନିକ ତତ୍ୱ ଗୁଡିକୁ ଯେଉଁଭଳି ବିଶ୍ଳେଷଣ କରି ବ୍ୟବହାର କରିବାକୁ ଲାଗିଲେ ତା' ଉପରେ ମଧ୍ୟ ସାଧାରଣ ନିର୍ବୋଧଙ୍କ ଅବଧାରଣା କ'ଣ ରହିଥିବ ଦେଖିବା କଥା । ବର୍ତ୍ତମାନର ବିଶ୍ୱସ୍ତରୀୟ ଶାସ୍ତ୍ରଜ୍ଞଙ୍କ ବିଶ୍ଳେଷିତ ପ୍ରବଚନ ନା ପ୍ରବଂଚନା- ବୁଝି ଗ୍ରହଣ କରାଯିବା ଆବଶ୍ୟକତାକୁ ଅନୁଭବ କରୁଛନ୍ତି କେତେ ଜଣ ?! ସମୀକ୍ଷା କରିବା ଶୀର୍ଷକଟିର ପ୍ରକୃତ ଭାବାର୍ଥ କ'ଣ ?

ପୂର୍ବ ସମୟରେ ଭାରତୀୟ ମହିଳାଙ୍କ ଜୀବନ ଶୈଳୀ ଓ ସାମାଜିକ ସ୍ଥିତି ଉପରେ ଆଲୋଚନା କରିବା ନାହିଁ ଯାହା ସମସ୍ତଙ୍କୁ ଜଣାଅଛି । ପୂର୍ବ ଭାରତୀୟ ଦାର୍ଶନିକ ମତବାଦରେ ମହିଳାଙ୍କୁ ଦେବୀ ଭଳି ମାନ୍ୟତା ରହିଥିବା ପଛରେ ଅନେକ ରହସ୍ୟ ରହିଛି । ନୂତନ ପିଢ଼ିର ଜନ୍ମଦାତ୍ରୀ ହୋଇଥିବା କାରଣରୁ ସେମାନଙ୍କୁ ସମାଜ ଅତ୍ୟନ୍ତ ସମ୍ବେଦନଶୀଳ ଭାବେ ଗ୍ରହଣ କରୁଥିଲା । ସେହି କାରଣରୁ ଅତ୍ୟନ୍ତ ସୁକୁମାର ସ୍ତରରେ ରଖାଯିବା ଗ୍ରହଣୀୟତା ଦୃଷ୍ଟିକୋଣରୁ ସେମାନଙ୍କୁ ଘର ଭିତରେ ସଂପତ୍ତି ଭଳି ସାଇତି ରଖିବା ଉଦ୍ଦେଶ୍ୟ ରହିଥିଲା, ସମାଜରେ । ସଂପତ୍ତିକୁ ଲୁଚାଇ ରଖିବା ଭଳି ସେମାନଙ୍କୁ ମଧ୍ୟ ଲୁଚାଇ ରଖୁଥିଲେ ସମସ୍ତେ । ଜୀବନ ସାରା ଗୋଟିଏ ଘର ଭିତରେ ରହି ଉନ୍ମୁକ୍ତ ଚେତନା କ୍ଷୀଣ ହେବା ସହିତ ଦୂରଦୃଷ୍ଟି ବାଧିତ ହେବା ସ୍ୱାଭାବିକ କଥା ।

ପ୍ରାକୃତିକ ଜିନଗତ ପ୍ରଭାବ କାରଣରୁ ମହିଳା ମାନେ ଭୟାଳୁ ଏବଂ ତଦ୍ଦନିତ ଲୌକିକ ଆଚରଣ କରିଥା'ନ୍ତି । ସେମାନଙ୍କ ମନରେ ଥିଲେ ମଧ୍ୟ ମୁଖରେ ପ୍ରଖରତା ପୁରୁଷଙ୍କ ତୁଳନାରେ କମ । ସେହି କ୍ରମରେ ସେମାନଙ୍କ ଭାବପ୍ରବଣତା, ଦୟା, କ୍ଷମା, ପ୍ରେମ, ଉପକାରିତା, କରୁଣା ଓ ସ୍ନେହ ଭଳି ଅନେକ ମାନବୀୟ ଚରିତ୍ର ପ୍ରାକୃତିକ ଭାବେ ସୃଷ୍ଟି ହୋଇଥାଏ । ପୁରୁଷ ମାନେ କଠିନ ପରିଶ୍ରମ କରୁଥିଲେ । ତା'ର ପ୍ରଭାବ ଜନିତ ସେମାନଙ୍କ କଠୋରତା ସ୍ୱଭା ? ବୃଦ୍ଧି ପାଉଥିଲା ! ଆଜି କାଲି ପୁରୁଷ ମାନେ ପୂର୍ବ ଭଳି କଠିନ ପରିଶ୍ରମ କରୁନଥିବାରୁ ସେମାନଙ୍କ ବଚନ ନମନୀୟ ହେବା ସ୍ୱାଭାବିକ, ଯାହା ସମସ୍ତେ ଅନୁଭବ କରୁଥିବେ !

ସୀମିତ ପରିସର ମଧ୍ୟରେ ସାରା ଜୀବନ ବିତିଲେ ମାନସିକ ସ୍ଥିତି ବିକ୍ଷିପ୍ତ ହେବା ସାଧାରଣ କଥା । ତା'ର ପ୍ରଭାବ କାରଣରୁ ଉନ୍ମୁକ୍ତ ଚେତନାର ଅଭାବ ଜନିତ-- କ୍ଷୀଣବୁଦ୍ଧି, ଆକ୍ରୋଶ, ଭୟ, କ୍ରୋଧ, ମାନସିକ ଅସ୍ଥିରତା, ଦୁଃଖ, ଅଲୌକିକ ବିଚାର ଭଳି ଅନେକ ଶୈତାନି ବିଚାର ସୃଷ୍ଟି ହେବା ପ୍ରକୃତି ବିଜ୍ଞାନ ସମ୍ମତ । ପୁରୁଷଙ୍କ କଠୋରତା ସମ୍ମୁଖରେ ମହିଳାଙ୍କ ଶୈତାନି ସ୍ୱଭା ? ଆଚରଣ ଉପନ୍ନ ହେଲେ ପାରିବାରିକ ଅଶାନ୍ତି ସୃଷ୍ଟି ହେବ ବୋଲି ବିଚାର ରହିଥିଲା । ମହିଳାଙ୍କ କ୍ଷୀଣ ବୁଦ୍ଧି କାରଣରୁ ପୁରୁଷଙ୍କୁ ସବୁ କଥାରେ ମାନି ଚଳିଲେ ପରିବାର ଭଲରେ ଚାଲିବ ବୋଲି ବିଚାର ରହିଥିଲା ! ସେହି କାରଣରୁ ମହିଳାଙ୍କୁ ଏକ ପ୍ରକାର ଆବେଗପୂର୍ଣ୍ଣ (ଇମୋସନାଲ) ଦମନ କରି ରଖିବା ଲକ୍ଷ ରଖାଯାଇ ଥିଲା । ଏହା ନୁହେଁ କି କୌଣସି ଅମାନବୀୟ ଦୃଷ୍ଟି କୋଣରେ ସମାଜରେ ଘୃଣା କରାଯାଉଥିଲା । ଲଗାତାର ଘରେ ରହିବା ଦ୍ୱାରା ମାନସିକ ଦୁଃଷ୍ପ୍ରଭାବର ପରିଣତି ବିଷୟରେ ବୁଝିବା ଜ୍ଞାନ ନଥାଇ, ଓଲଟା ସେମାନଙ୍କ ସମ୍ମାନ ଜନିତ ଏସବୁ କରାଯାଉଥିବା ବୁଝିଥିଲେ ସେତେବେଳର ଲୋକେ !

ଆବେଗପୂର୍ଣ୍ଣ ଦମନର ମୁଖ୍ୟ ସ୍ରୋତ ଭାବେ ପତିଙ୍କୁ ପରମେଶ୍ୱର, ଶାଶୁ, ଶଶୁରଙ୍କୁ ଭଗବାନ ଭଳି ସେବା କରିବା ମାନବ ଧର୍ମ ବୋଲି କୁହାଯାଇ ଥିଲା । ନହେଲେ ସେମାନେ ନର୍କଗାମୀ ହେବେ ବୋଲି ପ୍ରେରଣା ଦିଆଯାଇ ଥିଲା । ପୁରୁଷ ଅପେକ୍ଷା ନାରୀ ଜନ୍ମର ଦୁଲଭର୍ତାକୁ ସେମାନେ ଅନୁଭବ କରିବାରେ ଅସମର୍ଥ ହେଉଥିଲେ । ପଞ୍ଜୁରୀ ଭିତର ପକ୍ଷୀ ଭଳି ରହି ନିଜ ଜୀବନ ପ୍ରତି ସେମାନଙ୍କ ମନରେ ଏକ ପ୍ରକାର ଘୃଣାଭାବ ସୃଷ୍ଟି ହେଉଥିଲା । ସମାଜରେ ପ୍ରଚଳିତ କେତେକ ମାନ୍ୟତା ପ୍ରଥାକୁ ସଂପାଦନ କରୁଥିଲେ । ସେହି ଆଧାରରେ ପର୍ବ ପର୍ବାଣିରେ ଘରେ କେତେକ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରୁଥିଲେ । ଏତିକି ହିଁ ଥିଲା 'ପତି ପରମେଶ୍ୱର'ର ପ୍ରକୃତ ଦାର୍ଶନିକ ମହତ୍ୱ । ସମୟ ସ୍ରୋତରେ (ଅଜ୍ଞାନ) ଚତୁର ତାକୁ କଦର୍ଥ କରି ଯାହାସବୁ ବ୍ୟବସାୟ କେଲେ ସେଗୁଡିକ ଆଉ ବଖାଣିବା ଆବଶ୍ୟକ ନାହିଁ-- ସମସ୍ତେ ଜାଣିଛନ୍ତି, ଦେଖୁଛନ୍ତି । ସାବିତ୍ରୀ ବ୍ରତ ଠାରୁ ଆରମ୍ଭ କରି ସୋମନାଥ ବ୍ରତ ପର୍ଯ୍ୟନ୍ତ ଅସଂଖ୍ୟ ପୂଜା ପାଠ ଏବଂ ତା ମାଧ୍ୟମରେ ବ୍ୟାପକ ବ୍ୟବସାୟ । ଦାନ ଦକ୍ଷିଣା ପୂର୍ବକ ଆଶୀର୍ବାଦ । ମନ୍ଦିରକୁ ଯାଇ ପରଜନ୍ମର ସୁଗମ ଯାତ୍ରା ଟିକଟ ସଂରକ୍ଷଣ ଭଳି ଅନେକ ମାର୍ଗରେ ପରିଚାଳିତ କରି ଯାହା କରୁଛନ୍ତି ସେମାନେ, ନକହିବା ଭଲ । ମହିଳାଙ୍କ ସାଧାରଣ ଜ୍ଞାନ / ଦୂରଦୃଷ୍ଟି / ସୃଜନଶୀଳତାର କ୍ଷୀଣତା କାରଣରୁ ଅଲୌକିକ ସ୍ୱପ୍ନ ଦେଖାଇ ସେମାନଙ୍କୁ ଠକିବା ଅତ୍ୟନ୍ତ ସହଜ ହୋଇଥାଏ । ତେଣୁ ସେମାନଙ୍କୁ ଘରେ ବାହାରେ ସମସ୍ତେ ସହଜରେ ଅଳ୍ପରେ ସନ୍ତୁଷ୍ଟ କରିପାରନ୍ତି । ସହଜରେ ଠକି ମଧ୍ୟ ପାରନ୍ତି । ଆଜି ସମୟରେ ଧାର୍ମିକ ଚେତନାରେ ବେହାଲ ମହିଳାଙ୍କ ସଂଖ୍ୟା, ପୁରୁଷଙ୍କ ତୁଳନାରେ ଯଥେଷ୍ଟ ଅଧିକ । ମହିଳାଙ୍କ କାରଣରୁ ହିଁ ଧାର୍ମିକ ଅନୁଷ୍ଠାନ ଗୁଡିକ ସକ୍ରିୟ ରହିଛନ୍ତି । ଅନ୍ୟଥା ସେମାନଙ୍କ ପ୍ରାଧାନ୍ୟତା କମି ଯାଇଥା'ନ୍ତା ।

ଏହି ସର୍ନ୍ଦଭରେ ପୂର୍ବ ସମୟର 'ପତି ପରମେଶ୍ୱର'ର ଦାର୍ଶନିକ ମର୍ମ ଆଜି ବିପରୀତମୁଖୀ ଆଧ୍ୟାତ୍ମିକ ଝଡ଼ରେ ପରିଣତ । ବର୍ଷରେ ଦୁଇଥର କେବଳ ଲୋକଙ୍କୁ ଦେଖାଇବା ପାଇଁ ପର୍ବ ଭଳି ପାଳନ କରାଯାଉ ଅଛି । ଉପରେ କେହି ଜଣଙ୍କୁ ପରମେଶ୍ୱର କରି, ମନ୍ଦିର ଭିତରେ ତାଙ୍କରି ସାନିଧ୍ୟ ଖୋଜା ଚାଲିଛି ! ଏହି ମାନସିକତା କାରଣରୁ ଘରେ ଘରେ ପ୍ରତିଦିନ କଳହର ସୀମା ନାହିଁ ! ପରିବାର ମଧ୍ୟରେ ଅଶାନ୍ତିର ଝଡ଼ ଥମିବାକୁ ନାହିଁ ! ଛାଡ଼ପତ୍ର ମାମଲା ପାଇଁ କଚେରୀ ଧାଡିରେ ଜାଗା ନାହିଁ ! ପାରିବାରିକ ହିଂସା ଜନିତ ହତ୍ୟା ମାମଲାର ଅନ୍ତ ହେବାକୁ ନାହିଁ ! ପଛୁଆ ବର୍ଗଙ୍କ ସବର୍ଣ୍ଣଙ୍କ ଉପରେ ଦାଉ ସାଧିବା ଭଳି ମହିଳାଙ୍କ ଆବେଗପୂର୍ଣ୍ଣ ଦମନର ପ୍ରତିଶୋଧ ବହ୍ନି ଲିଭିବାକୁ ନାହିଁ ! ନିର୍ବୋଧ ସରଳ ଭାରତୀୟ ମହିଳାଙ୍କୁ ଏମିତି ସ୍ତରକୁ ଆଣି ପହଂଚାଇବା ପଛର ଲୋକଟିକୁ କେହି ଜାଣନ୍ତି ନାହିଁ ! ତା ପଛରେ ରହିଥିବା ଇଂରେଜ ଷଡ଼ଯନ୍ତ୍ର ଉପରେ କାହାର ଜ୍ଞାନ ନାହିଁ ! ବର୍ତମାନର ବିଦେଶୀ ଷଡ଼ଯନ୍ତ୍ର ଉପରେ କାହାର ନିଘା ନାହିଁ !

ପୂର୍ବ ଭାରତୀୟ ମହିଳା ଆଉ ବର୍ତମାନର ମହିଳାଙ୍କ ସ୍ଥିତିକୁ ଦେଖିଲେ କ'ଣ ଅନୁଭବ କରୁଛନ୍ତି ସମସ୍ତେ ବୁଝୁଥିବେ ନିଜେ ନିଜେ । ଏତେ ସୁନ୍ଦର ଆମ ସାମାଜିକ ପରିବେଶରେ ଅଗ୍ନି ସଂଯୋଗ କଲା କିଏ-- ତାକୁ ବୁଝିବାର ସାହସ, କ୍ଷମତା, ଆଗ୍ରହ କାହାର ନାହିଁ । ପୂର୍ବ ଭଳି ବିବାହ ବନ୍ଧନର ସୂତ୍ର ଆଉ ଖୋଜାଯାଉ ନାହିଁ । ରେଜିଷ୍ଟ୍ରୀ ବିବାହ କରି ଜୋଇଁ ଛାଡିଦେଲେ, ପୂର୍ବ ଭଳି ଝିଅର ଆଉ ଭବିଷ୍ୟତ ଅନ୍ଧକାର ହେବା ଭୟ ମଧ୍ୟ ନାହିଁ । ବର, କନ୍ୟାଙ୍କ ପରିବାର ମଧ୍ୟରେ ସଂପତ୍ତି ଦେଖି ସମ୍ବନ୍ଧ କରୁଛନ୍ତି, ଅଳ୍ପଦିନ ମଧ୍ୟରେ ବିପତ୍ତିକୁ ଡାକି ଘରକୁ ଆଣୁଛନ୍ତି । କାହାର ପୁଅ ଯାଇ ଘରଜୋଇଁ ତ କାହାର ଝିଅ ଆସି ବାପ ଘରେ ରହୁଛି । ପ୍ରେମଟା ଖାଲି ଟଙ୍କାରେ ରହୁଛି ! ଟଙ୍କା ଦେଇ ପରମେଶ୍ୱରଙ୍କୁ କିଣାଯାଉଛି ! ପ୍ରାଚୀନ ସଭ୍ୟତାରୁ ପାଶ୍ଚାତ୍ୟ ସଭ୍ୟତାକୁ ଡେଇଁ ଦେଶ ମୋର ବିକାଶ କରୁଛି !କାହାକୁ କହିବା, କପାଳରେ ଖାଲି କର ମାରିବା ! ଖୁବ କମ ଦିନ ମଧ୍ୟରେ ପାଶ୍ଚାତ୍ୟ ଭଳି ପାରିବାରିକ ଜୀବନ ବିତାଇବା ପାଇଁ ପ୍ରସ୍ତୁତ ରହିବାକୁ ଆମ ପର ପିଢିଙ୍କୁ ପ୍ରେରଣା ଦେଇ ଯିବା ।

ୟୁ-ଟ୍ୟୁବ- ସାମାଜିକ ଜନମଂଚ (ଭାରତ),
ଛତ୍ରପୁର, ଗଂଜାମ - ୭୬୧୦୨୦.
ଦୂରଭାଷ.: ୯୪୩୭୩୨୪୯୧୭.

'ଅଶୋକ ସିଂଘଲ ଜୀ-ଜଣେ କର୍ମଯୋଗୀ'

ଦତ୍ତାତ୍ରେୟ ହୋସବାଲେ

ଭାରତ ପାଇଁ ଏହା ଯୁଗ-ନିର୍ମାଣର ସମୟ । ସମ୍ପୂର

ଆଞ୍ଚଳିକ ସମୁନ

ଶୁକ୍ରବାର,୧୩ ନଭେମ୍ବର ୨୦୨୬, ଭୁବନେଶ୍ୱର Friday,13 November 2026, Bhubaneswar



ଘରେ ରଖାଯାଇଥିବା ସୁନାର ହିସାବ ଏବଂ ଉତ୍ସ ସମ୍ପର୍କରେ ପ୍ରମାଣ ଦେବାକୁ ପଡିବ

ନୂଆଦିଲ୍ଲୀ,୧୨।୧୧(ଏଜେନ୍ସି): ଘରେ କେତେ ପରିମାଣର ସୁନା ରଖିହେବ ଏବଂ ଉତ୍ସ ସମ୍ପର୍କରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କୋର୍ଟ କହିଛନ୍ତି, ସୁନା ରଖିବା ସତ୍ତ୍ୱେ ଆୟର ଉତ୍ସ ପ୍ରକାଶ କରାଯିବା ଆବଶ୍ୟକ। କୋର୍ଟ ଏକ ଅନୁପାତିକ ସମ୍ପତ୍ତି ମାମଲାରେ ଏହି ରାୟ ଦେଇ ପାଟନା ହାଇକୋର୍ଟଙ୍କର ଆଦେଶକୁ ମଧ୍ୟ ଖାରଜ କରିଛନ୍ତି। ଅନୁପାତିକ ସମ୍ପତ୍ତି ମାମଲାର ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ, ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ନିର୍ଦ୍ଧାରିତ ସୀମା ମଧ୍ୟରେ ସୁନା ରଖିବା ଅଭିଯୁକ୍ତଙ୍କୁ ଏହାର ଉତ୍ସ ପାଇଁ ବ୍ୟାଖ୍ୟା ପ୍ରଦାନ କରିବାରୁ ମୁକ୍ତ କରେ ନାହିଁ। କୋର୍ଟ କହିଛନ୍ତି ଯେ, ସୁନା ରଖିବା ପାଇଁ ଅନୁମତି ଦେଉଥିବା ସରକାରୀ ସର୍କୁଲାର ଏବଂ ପ୍ରେସ୍ ରିଲିଜ୍ ପ୍ରମାଣ କରେ ନାହିଁ ଯେ, ସମ୍ପତ୍ତି ବୈଧ ଆୟରୁ ଅର୍ଜନ କରାଯାଇଥିଲା। ଜଷ୍ଟିସ କେ.ଭି. ବିଶ୍ୱନାଥନ ଏବଂ ଅରୁଣ ପାଲିଙ୍କ ଖଣ୍ଡପୀଠ ବିହାର ସରକାରଙ୍କ ଆବେଦନକୁ ଗ୍ରହଣ କରି ପାଟନା ହାଇକୋର୍ଟଙ୍କର ଆଦେଶକୁ ଖାରଜ କରିଦେଇଥିଲେ। ହାଇକୋର୍ଟ ଜଣେ ମହିଳାଙ୍କ ବିରୋଧରେ ଆୟ ବର୍ହିଭୂତ



ସମ୍ପତ୍ତି ମାମଲାର ନିମ୍ନ ଅଦାଲତର ବିଚାରକୁ ରଦ୍ଦ କରିଥିଲେ। ମାମଲା ଅନୁଯାୟୀ, ୧୧ ମଇ ୨୦୧୫ରେ, ଫୁଲପରି କୁମାରୀ ଏବଂ ତାଙ୍କ ସ୍ୱାମୀଙ୍କ ବିରୋଧରେ ଆୟ ବର୍ହିଭୂତ ସମ୍ପତ୍ତି ରଖିବା ପାଇଁ ବିହାର ଭିଜିଲାନ୍ସ ପୁଲିସ ଷ୍ଟେସନରେ ଏକ ଏଫଆଇଆର ରୁଜୁ ହୋଇଥିଲା। ତଦନ୍ତ ପରେ, ୨୯ ଜୁଲାଇ ୨୦୨୦ରେ କେବଳ ଫୁଲପରି କୁମାରୀଙ୍କ ବିରୋଧରେ ଏକ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ପରବର୍ତ୍ତୀ ସମୟରେ, ୨୮ ଜାନୁଆରି ୨୦୨୧ରେ, ପାଟନାର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ମାମଲାର ବିଚାର କରିଥିଲେ। ମହିଳା ଜଣକ ପାଟନା ହାଇକୋର୍ଟରେ ବିଚାର ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଯୁକ୍ତି ଦେଇଥିଲେ ଯେ, ଆୟକର ବିଭାଗର ୧୧ ମେ' ୧୯୯୪ର ନିର୍ଦ୍ଦେଶନାମା ଏବଂ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡର ଡିସେମ୍ବର ୧, ୨୦୧୬ର ପ୍ରେସ୍ ରିଲିଜ୍ ଅନୁଯାୟୀ, ବିବାହିତ ମହିଳାମାନେ ୫୦୦ ଗ୍ରାମ, ଅବିବାହିତ ମହିଳାମାନେ ୨୫୦ ଗ୍ରାମ ଏବଂ ପୁରୁଷମାନେ ୧୦୦ ଗ୍ରାମ ସୁନା ରଖିପାରିବେ। ମହିଳାଙ୍କ ପକ୍ଷରୁ ଯୁକ୍ତି ଦିଆଯାଇଥିଲା ଯେ, ତାଙ୍କ ପାଖରେ ନିର୍ଦ୍ଧାରିତ ସୀମାଠାରୁ ଅଧିକ ସୁନା ନାହିଁ ତେଣୁ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ନାହିଁ। ପାଟନା ହାଇକୋର୍ଟ ଏହି ଯୁକ୍ତିକୁ ଗ୍ରହଣ କରି କହିଥିଲେ ଯେ, ମହିଳାଙ୍କ ପାଖରେ ଧାର୍ଯ୍ୟ ସୀମାଠାରୁ ଅଧିକ ସୁନା ନାହିଁ ଏବଂ ଭିଜିଲାନ୍ସ ବିଭାଗ ସୁନାର ଓଜନ ଏବଂ ପରିମାଣ ଗଣନା କରିବାରେ ଭୁଲ୍ କରିଛି। ଏହି ଆଧାରରେ ହାଇକୋର୍ଟ ତାଙ୍କ ବିରୋଧରେ ଫୌଜଦାରୀ କାର୍ଯ୍ୟାନୁଷ୍ଠାନକୁ ଖାରଜ କରିଦେଇଥିଲେ। ବିହାର ସରକାର ପରବର୍ତ୍ତୀ ସମୟରେ ସୁପ୍ରିମକୋର୍ଟରେ ହାଇକୋର୍ଟର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଯୁକ୍ତି ଦେଇଥିଲେ ଯେ, ସୁନା ରଖିବାର ଯୋଗ୍ୟତା ଏବଂ ଦୁର୍ନୀତି ମାମଲାରେ ସେହି ସୁନାର ଉତ୍ସ ପାଇଁ ବ୍ୟାଖ୍ୟା ପ୍ରଦାନ କରିବା ଦୁଇଟି ଭିନ୍ନ କଥା।

କେଜ୍ରିୱାଲ ଓ ତାଙ୍କ ଝିଅକୁ ମିଳିଲା ହତ୍ୟା ଧମକ

ନୂଆଦିଲ୍ଲୀ,୧୨।୧୧(ଏଜେନ୍ସି): ଆମ୍ ଆଦମୀ ପାର୍ଟିର ରାଷ୍ଟ୍ରୀୟ ସଂଯୋଜକ ତଥା ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଓ ତାଙ୍କ ଝିଅ ହର୍ଷିତା କେଜ୍ରିୱାଲଙ୍କୁ ଜୀବନରେ ମାରି ଦେବାକୁ ମିଳିଛି ଧମକ । ଲରେନ୍ସ ବିଷ୍ଣଇ ଗ୍ୟାଙ୍ଗ ପକ୍ଷରୁ ଏହି ଧମକ ଦିଆଯାଇଛି। କେବଳ ଏତିକି ନୁହେଁ ୭ କୋଟି ଟଙ୍କା ନ ଦେଲେ ଗମ୍ଭୀର ପରିଣାମ ଭୋଗିବାକୁ ପଡ଼ିବ ବୋଲି ମଧ୍ୟ ଧମକ ଦେଇଛି ଦୁର୍ବୃତ୍ତ।ଦିଲ୍ଲୀର ତିଳକ ନଗର ବିଧାୟକ ଜନରେଲ ସିଂଙ୍କ ପାଖକୁ ଏକ ଧମକଭରା ଫୋନ କଲ୍ ସହ ହ୍ୱାଟ୍ସଆପ ମେସେଜ୍ ଆସିଥିଲା। ଏଥିରେ କେଜ୍ରିୱାଲଙ୍କ ପର୍ଯ୍ୟନ୍ତ ସନ୍ଦେଶ ପହଞ୍ଚାଇବାକୁ କୁହାଯାଇଛି। ଅଭିଯୋଗ ଆସିବା ପରେ ନଭେମ୍ବର ୬ରେ ପଞ୍ଜାବର ମୋହାଲି ପୋଲିସ ମାମଲା ରୁଜୁ କରିଛି। ପୋଲିସ ଅଭିଯୁକ୍ତକୁ ଧରିବା ପାଇଁ ପ୍ରୟାସ ଚଳାଇଛି। ଧମକ ଦେଇଥିବା ବ୍ୟକ୍ତି ହରିୟାଣାର ରୋହତକ ନିବାସୀ। ତେବେ ପୋଲିସ ପକ୍ଷରୁ ଏ ପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ କିଛି ସୂଚନା ଦିଆଯାଇ ନାହିଁ। ଘଟଣାର ତଦନ୍ତ ଦାୟିତ୍ୱ ସାଇବର କ୍ରାଇମ ପୋଲିସ ଷ୍ଟେସନର ଇନ୍ସପେକ୍ଟର ସୁନୀଲ କୁମାରଙ୍କୁ ଦିଆଯାଇଛି।ବିଧାୟକ ଜନରେଲ ସିଂ ନଭେମ୍ବର ୬ରେ ମୋହାଲି ଏସଏସପି ନିକଟରେ ଅଭିଯୋଗ କରିଛନ୍ତି। ସେ ଏଫଆଇଆରରେ



ଲେଖିଛନ୍ତି, ତାଙ୍କ ମୋବାଇଲ ନମ୍ବରକୁ ଅଜଣା ନମ୍ବରରୁ ଏକ କଲ୍ ଆସିଥିଲା ଏବଂ ହ୍ୱାଟ୍ସଆପରେ ବି ଧମକଭରା ସନ୍ଦେଶ ଦିଆଯାଇଥିଲା। ହ୍ୱାଟ୍ସଆପରେ ଅଭିଯୁକ୍ତର ପ୍ରୋଫାଇଲ୍ ନାଁ ଏଁ ରହିଥିଲା। କଲ୍ କରିଥିବା ବ୍ୟକ୍ତି ନିଜକୁ ଲରେନ୍ସ ବିଷ୍ଣଇ ଗ୍ୟାଙ୍ଗର ସଦସ୍ୟର ପରିଚୟ ଦେଇ ଅରବିନ୍ଦ କେଜ୍ରିୱାଲଙ୍କୁ ସାତ କୋଟି ଟଙ୍କା ଦେବାକୁ କହି ଦିଅ, ନଚେତ୍ ତାଙ୍କ ଝିଅକୁ ଜୀବନରେ ମାରି ଦିଆଯିବ ବୋଲି ଧମକ ଦେଇଥିଲା।ଅଭିଯୁକ୍ତ ଫୋନରେ ଧମକ ଦେବା ସହ ସେହି ମୋବାଇଲ ନମ୍ବରରେ ହ୍ୱାଟ୍ସଆପ୍ ମେସେଜ ପଠାଇଥିଲା। ଏଥିରେ ବି ସାତ କୋଟି ଟଙ୍କା ନ ଦେଲେ ହତ୍ୟାର ଧମକ ଦିଆଯାଇଥିଲା। ବିଧାୟକ ଜନରେଲ ସିଂ ଅଭିଯୁକ୍ତର ମୋବାଇଲ୍ ନମ୍ବରର କଲ୍ ଡିଟେଲ୍ସ ରେକର୍ଡ, ଆଇପି ଲଗ୍ ଓ ଲୋକେସନ ଟ୍ରାସ କରିବାକୁ ଦାବି କରିଛନ୍ତି। ଏହା ସହ ଅରବିନ୍ଦ କେଜ୍ରିୱାଲ ଓ ତାଙ୍କ ପରିବାରର ସୁରକ୍ଷା ବଢାଇବାକୁ ମଧ୍ୟ ଦାବି କରାଯାଇଛି।

ମହାରାଷ୍ଟ୍ର ସୋଲାପୁରରେ ଟ୍ରେନି ପ୍ଲେନ ଦୁର୍ଘଟଣାଗ୍ରସ୍ତ, ଅଳ୍ପକେ ବର୍ତ୍ତିଲେ ପାଇଲଟ

ନୂଆଦିଲ୍ଲୀ,୧୨।୧୧(ଏଜେନ୍ସି): ମହାରାଷ୍ଟ୍ର ସୋଲାପୁର ଏୟାରପୋର୍ଟରେ ଗୁରୁବାର ଏକ ଟ୍ରେନି ବିମାନ ରନୱେରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଥିବା ମହିଳା ଟ୍ରେନି ପାଇଲଟ ସମ୍ପୂର୍ଣ୍ଣ ସୁରକ୍ଷିତ ବର୍ତ୍ତି ଯାଇଛନ୍ତି। ଏହି ଦୁର୍ଘଟଣା ଅପରାହ୍ନ ପ୍ରାୟ ୨ଟା ୩୦ ମିନିଟ୍ ରେ ହୋଇଛି। ବିମାନଟି ଟେକଅପ ପାଇଁ ରନୱେରେ ଠିଡୁଥିବା ବଳେ ସ୍ଲିପ ହୋଇଯାଇଛି। ଫଳରେ ଏକ ବଡ଼ ଦୁର୍ଘଟଣା ଟଳି ଯାଇଛି। ଏହି ବିମାନକୁ ମହିଳା ଟ୍ରେନି ପାଇଲଟ ଏକାକୀ ଉଡଉଥିଲେ ବୋଲି ଜଣାପଡିଛି।ଦୁର୍ଘଟଣା ପରେ ପାଇଲଟ ସୁରକ୍ଷିତ ବିମାନରୁ ବାହାରି ଆସିଛନ୍ତି। ତାଙ୍କ ଦେହରେ ସାମାନ୍ୟ ଆଘାତ ମଧ୍ୟ ଲାଗି ନାହିଁ। ଦୁର୍ଘଟଣାଗ୍ରସ୍ତ ବିମାନଟି ରେଡବାର୍ଡ ଏଭିଏସନ ଟ୍ରେନିଂ ଆକାଡେମୀର ହୋଇଥିବା ବେଳେ ଏହାଏକ ଟେକନାମ ପି ମେଣ୍ଟର ଟ୍ରେନିଂ ଏୟାରକ୍ରାଫ୍ଟ ଥିଲା। ଆକାଡେମୀ ଅନୁସାରେ କ୍ରସ କଣ୍ଟ୍ରି ସୋଲୋ ଫ୍ଲାଇଟ୍ କାଳରେ ହାର୍ଡ ଲ୍ୟାଣ୍ଡିଂ ଯୋଗୁ ବିମାନଟି ରନୱେରେ ଖସି ଡେରଛା ହୋଇ ଅଟକି ଯାଇଥିଲା। କେତେକ ପ୍ରାରମ୍ଭିକ ପୋଲିସ ରିପୋର୍ଟରେ ଏହି ଦୁର୍ଘଟଣାକୁ ଟେକଅଫ କାଳରେ ରନୱେରୁ ଖସିଯିବା ପାଇଁ ହୋଇଥିବା କହୁଛନ୍ତି।ଏୟାରପୋର୍ଟ ରନୱେରେ ଦୁର୍ଘଟଣା ସୂଚନା ମିଳିବାମାତ୍ରେ ଦମକଳ, ଆମ୍ବୁଲାନ୍ସ ଓ ପୋଲିସ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚିଥିଲେ। ଅଧିକାରୀ ଓ ବିମାନ ବିଶେଷଜ୍ଞ ମାମଲାର ତଦନ୍ତ କରୁଛନ୍ତି। ବିମାନ ରନୱେରୁ କିପରି ବାହାରକୁ ଗଲା ତାର ତଦନ୍ତ ହେଉଛି। ଏବାବଦେ ସୋଲାପୁର ଏୟାରପୋର୍ଟ ପ୍ରାଧିକରଣଙ୍କ ପକ୍ଷରୁ ବିସ୍ତୃତ ରିପୋର୍ଟ ଓ ଅଧିକାରିକ ବୟାନ ଆସିବା ପରେ ଦୁର୍ଘଟଣାର ସମ୍ପୂର୍ଣ୍ଣ ଛବି ସ୍ପଷ୍ଟ ହୋଇ ପାରିବ ବୋଲି କୁହାଯାଇଛି।

'ମୋଦୀ ମୋର ଗୁଜରାଟୀ ବନ୍ଧୁ, ବ୍ୟକ୍ତିଗତ ମତଭେଦ ନାହିଁ'

ନୂଆଦିଲ୍ଲୀ,୧୨।୧୧(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଶଂସା କରି ଚର୍ଚ୍ଚାରେ କଂଗ୍ରେସ ନେତା ସାମ୍ ପିତ୍ରୋଡା । ମୋଦୀଙ୍କୁ ନିଜର 'ଗୁଜରାଟୀ ବନ୍ଧୁ' ବୋଲି କହିବା ସହ ତାଙ୍କ ସହ କୌଣସି ବ୍ୟକ୍ତିଗତ ମତଭେଦ ନଥିବା ସେ କହିଛନ୍ତି । ତେବେ ମୋଦୀଙ୍କ ବିଚାରଧାରା ଓ ବିଶ୍ୱକୁ ଦେଖିବାର ଦୃଷ୍ଟିକୋଣ ସହ ତାଙ୍କର ମତଭେଦ ରହିଛି ବୋଲି ମଧ୍ୟ ସ୍ପଷ୍ଟ କରିଛନ୍ତି ଇଣ୍ଡିଆନ୍ ଓଭରସିଜ୍ କଂଗ୍ରେସ ଅଧ୍ୟକ୍ଷ ।ଏକ ସାକ୍ଷାତକାରରେ ସାମ୍ ପିତ୍ରୋଡା କହିଛନ୍ତି, ମୋଦୀ ଜଣେ ଭଲ ବକ୍ତା ଏବଂ ପରିଶ୍ରମୀ ବ୍ୟକ୍ତି । ସେ ମୋଦୀଙ୍କୁ ଜଣେ ବ୍ୟକ୍ତି ଭାବେ ସମ୍ମାନ କରନ୍ତି । ତାଙ୍କ ସ୍ତ୍ରୀଙ୍କ ସହ ମୋଦୀଙ୍କୁ ଭେଟିଥିବା କଥା କହିବା ସହ ବ୍ୟକ୍ତିଗତ ସ୍ତରରେ ମୋଦୀ ତାଙ୍କ ପ୍ରତି ସର୍ବଦା ସ୍ନେହପୂର୍ଣ୍ଣ ଓ ଉଷ୍ମ ବ୍ୟବହାର କରିଥିବା କହିଛନ୍ତି । ଏପରିକି ଗୁଜରାଟରେ ମୋଦୀଙ୍କ ଘରକୁ ମଧ୍ୟ ଅନେକ ଥର ଯାଇଥିବା ସେ କହିଛନ୍ତି । ପିତ୍ରୋଡାଙ୍କ କହିବା ଅନୁସାରେ, ବ୍ୟକ୍ତିଗତ ସମ୍ପର୍କ ଓ ରାଜନୈତିକ ବିଚାରଧାରା ଦୁଇଟି ଭିନ୍ନ କଥା । ମୋଦୀଙ୍କ ବିଚାରଧାରା ସହ ସେ ସହମତ ନ ହୋଇପାରନ୍ତି, କିନ୍ତୁ ଏହାର ଅର୍ଥ ମୋଦୀଙ୍କ ସହ ତାଙ୍କର ବ୍ୟକ୍ତିଗତ ଶତ୍ରୁତା ରହିଛି ତାହା ନୁହେଁ । ମତଭେଦ ଥିଲେ ମଧ୍ୟ ଏକାଠି ବସି ଖାଇବା ଓ ହସିବାରେ କୌଣସି ସମସ୍ୟା ନାହିଁ ବୋଲି ସେ କହିଛନ୍ତି । ଅନ୍ୟପଟେ, ୧୯୮୪ ମସିହାର ଶିଖ୍ ବିରୋଧୀ



ଦଙ୍ଗା ପ୍ରସଙ୍ଗରେ ମଧ୍ୟ ପିତ୍ରୋଡାଙ୍କୁ ପ୍ରଶ୍ନ କରାଯାଇଥିଲା । ଏହି ଘଟଣା ପାଇଁ ଗାନ୍ଧୀ ପରିବାରକୁ ଦାୟୀ କରୁଛନ୍ତି କି ବୋଲି ପଚରାଯିବାରୁ ସେ କହିଥିଲେ, ୪୦ ବର୍ଷରୁ ଅଧିକ ପୁରୁଣା ଘଟଣାକୁ ନେଇ ବାରମ୍ବାର ଆଲୋଚନା କରିବାର ଅର୍ଥ କ'ଣ ଏହି ପ୍ରସଙ୍ଗରେ ଅଦାଲତ ଓ ସମ୍ପୃକ୍ତ ସଂସ୍ଥାଗୁଡ଼ିକୁ ନିଷ୍ପତ୍ତି ନେବାକୁ ଦିଆଯିବା ଉଚିତ । ଦେଶକୁ ଅତୀତରେ ଅଟକି ନରହି ଭବିଷ୍ୟତ ଆଡ଼କୁ ଦେଖିବା ଦରକାର ବୋଲି ସେ କହିଛନ୍ତି ।ପିତ୍ରୋଡା ଆହୁରି କହିଛନ୍ତି, ଦେଶର ଯୁବପିଢ଼ିଙ୍କ ଶିକ୍ଷା, ନିଯୁକ୍ତି, ଦକ୍ଷତା ବିକାଶ ଓ କୃତ୍ରିମ ବୁଦ୍ଧିମତ୍ତା ଭଳି ଭବିଷ୍ୟତର ଆହ୍ୱାନ ଉପରେ ଅଧିକ ଧ୍ୟାନ ଦେବା ଆବଶ୍ୟକ । ଏକ ସମୃଦ୍ଧ ଓ ଶାନ୍ତିପୂର୍ଣ୍ଣ ରାଷ୍ଟ୍ର ଗଠନ ହିଁ ଦେଶର ପ୍ରାଥମିକତା ହେବା ଉଚିତ ବୋଲି ସେ ମତ ଦେଇଛନ୍ତି ।

ମେଣ୍ଟ କଲେ ଚନ୍ଦ୍ରଶେଖର-ଓୱେସି

ନୂଆଦିଲ୍ଲୀ,୧୨।୧୧(ଏଜେନ୍ସି): ୨୦୨୭ ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନର ରାଜନୈତିକ ଉଷ୍ମତା ମଧ୍ୟରେ ନଗିନା ସାଂସଦ ଚନ୍ଦ୍ରଶେଖର ଆଜାଦ ଓ ଏଆଇଏମ୍ଆଇଏମ୍ ମୁଖ୍ୟ ଅସଉଦ୍ଦିନ ଓୱେସି ଗୁରୁବାର ମେଣ୍ଟ ଘୋଷଣା କରି ହଇଚଇ ସୃଷ୍ଟି କରିଛନ୍ତି। ସେମାନଙ୍କ ମେଣ୍ଟର ନାମ 'ସାମାଜିକ ପରିବର୍ତ୍ତନ ମୋର୍ଚ୍ଚା' ରହିଛି ଓ ଆଜାଦଙ୍କୁ ମେଣ୍ଟର ମୁଖ୍ୟମନ୍ତ୍ରୀ ଚେହେରା ଭାବେ ଘୋଷଣା କରାଯାଇଛି।ଲକ୍ଷ୍ନୌରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଦୁଇ ନେତା ଏହି ଘୋଷଣା କରିଛନ୍ତି। ଆଜାଦ କହିଛନ୍ତି, ମେଣ୍ଟ ସମାଜବାଦୀ ପାର୍ଟି ଓ କଂଗ୍ରେସ ପରି ଅନ୍ୟ ଦଳ ପାଇଁ ଖୋଲା ରହିଛି। ଯେଉଁମାନେ ବିଜେପିକୁ ଆଉ ଥରେ ରାଜ୍ୟରେ କ୍ଷମତାକୁ ଆସିବାକୁ ରୋକିବାକୁ ଚାହୁଁଥିବେ ସେମାନଙ୍କୁ ମେଣ୍ଟକୁ ସ୍ୱାଗତ। ତେବେ



ଏହି ନୂତନ ରାଜନୈତିକ ସମୀକରଣ ସମାଜବାଦୀ ପାର୍ଟି (ଏସ୍ପି) ମୁଖ୍ୟ ଅଖିଳେଶ ଯାଦବ ଓ ମାୟାବତୀ ଉଭୟଙ୍କ ସମସ୍ୟାକୁ ବଢ଼ାଇ ଦେଇଛି। ନୂତନ ଦଳିତ-ମୁସଲିମ ମେଣ୍ଟ ସମାଜବାଦୀ ପାର୍ଟି ଓ ବହୁଜନ ସମାଜ ପାର୍ଟି (ବିଏସ୍ପି) ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ। ରାଜନୈତିକ ବିଶେଷଜ୍ଞଙ୍କ ମତରେ, ଓୱେସି-ଚନ୍ଦ୍ରଶେଖର ଯୋଡ଼ି ସମଗ୍ର ଉତ୍ତର ପ୍ରଦେଶକୁ ପ୍ରଭାବିତ କରିପାରନ୍ତି। ମେଣ୍ଟ ଯୋଗୁ ଭୋଟ ବିଭାଜନ ଏକପ୍ରକାର ସୁନିଶ୍ଚିତ। ଏହି ସାମାଜିକ ପରିବର୍ତ୍ତନ ମୋର୍ଚ୍ଚା କେତେ ସଫଳ ହେବ ତାହା ଦେଖିବା ଆକର୍ଷଣୀୟ ହେବ। ଗତ ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନର ଫଳାଫଳକୁ ଦେଖିଲେ, ଏଆଇଏମ୍ଆଇଏମ୍ ଅନେକ ଆସନରେ ନିର୍ବାଚନକୁ ପ୍ରଭାବିତ କରିପାରେ। ଏଆଇଏମ୍ଆଇଏମ୍ ସମାଜବାଦୀ ପାର୍ଟିକୁ ବିଶେଷ କ୍ଷତି ପହଞ୍ଚାଇପାରେ, ସେହିପରି ଚନ୍ଦ୍ରଶେଖର ଆଜାଦଙ୍କ ଆଜାଦ ସମାଜ ପାର୍ଟି (କାଂଶୀରାମ) ବିଏସପିର ପାରମ୍ପରିକ ଭୋଟ ବ୍ୟାଙ୍କକୁ ମଧ୍ୟ କ୍ଷତି ପହଞ୍ଚାଇପାରେ।

ଟ୍ରମ୍ପ ଏବଂ ନେତାନ୍ୟାହୁଙ୍କ ମଧ୍ୟରେ ଉଷ୍ମ ଯୁକ୍ତିତର୍କ

ନୂଆଦିଲ୍ଲୀ,୧୨।୧୧(ଏଜେନ୍ସି): ଇରାନ ବିରୋଧରେ ଯୁଦ୍ଧ ପାଇଁ ଭବିଷ୍ୟତ ରଣନୀତିକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଇସ୍ରାଏଲୀ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଗତ କିଛି ଦିନ ଧରି ଦୁଇ ନେତାଙ୍କ ମଧ୍ୟରେ ଫୋନ୍ ଆଲୋଚନା ଉଷ୍ମ ବିତର୍କରେ ପରିଣତ ହୋଇଛି। ଏହା ଇରାନ ପ୍ରତି ଆମେରିକା ଏବଂ ଇସ୍ରାଏଲୀ ରଣନୀତି ଉପରେ ଉଭୟଙ୍କ ମଧ୍ୟରେ ଥିବା ପାର୍ଥକ୍ୟକୁ ସ୍ପଷ୍ଟ କରିଛି।ଇସ୍ରାଏଲୀ ସମ୍ବାଦ ସଂସ୍ଥା ୱାଇନେଟ୍ ଏବଂ ୱେଡିୟଟ ଆରେହନାଥ ରିପୋର୍ଟ କରିଛନ୍ତି ଯେ, ନେତାନ୍ୟାହୁ ଟ୍ରମ୍ପଙ୍କ ଉପରେ ଇରାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ପୁଣି ଆରମ୍ଭ କରିବାକୁ ଚାପ ପକାଇଥିଲେ। ମାତ୍ର ଟ୍ରମ୍ପ ତେହେରାନ ସହିତ ଚାଲିଥିବା ଶାନ୍ତି ଆଲୋଚନା ଆଗକୁ ବଢ଼ିବା ଉପରେ ଜୋର୍ ଦେଇଥିଲେ।ରିପୋର୍ଟ ଅନୁଯାୟୀ, ନେତାନ୍ୟାହୁ ଆମେରିକାକୁ ଇରାନ ଉପରେ ଆକ୍ରମଣ ପୁଣି ଆରମ୍ଭ କରିବାକୁ ଏବଂ ସେଠାରେ ଶାସନ ପରିବର୍ତ୍ତନ ପାଇଁ ପଦକ୍ଷେପ ନେବାକୁ ଲଗାତାର ଅନୁରୋଧ କରିଆସୁଛନ୍ତି। ଅନ୍ୟପକ୍ଷରେ ଟ୍ରମ୍ପ ସାମରିକ କାର୍ଯ୍ୟାନୁଷ୍ଠାନ ପୁନଃ ଆରମ୍ଭ କରିବା ସପକ୍ଷରେ ନାହାନ୍ତି। ସେ ଇରାନ ଉପରେ ଆର୍ଥିକ ଚାପ ବଜାୟ ରଖିବାକୁ ଏବଂ କୂଟନୈତିକ ଆଲୋଚନା କରିବାକୁ ଚାହୁଁଛନ୍ତି।ଉଭୟ ଗଣମାଧ୍ୟମ,ଆଲୋଚନାକୁ ଅତ୍ୟନ୍ତ ଉଷ୍ମ ବୋଲି ବର୍ଣ୍ଣନା କରିଛନ୍ତି, ଏହାକୁ 'ସାଉଟିଙ୍ଗ୍ ମ୍ୟାଚ୍ ଫ୍ରମ୍ ହେଲ୍' ବୋଲି କହିଛନ୍ତି। ତେବେ ଜଣେ ବରିଷ୍ଠ ଇସ୍ରାଏଲୀ ଅଧିକାରୀ ଦୁଇ ନେତାଙ୍କ ମଧ୍ୟରେ ସପ୍ତାହାନ୍ତ ଆଲୋଚନାକୁ ନିଶ୍ଚିତ କରିଛନ୍ତି କିନ୍ତୁ କୌଣସି ମୁହାଁମୁହିଁ ହେବାର କଥାକୁ ଅସ୍ୱୀକାର କରିଛନ୍ତି। ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ମଧ୍ୟ ଆଲୋଚନା ସମୟରେ ଝଗଡ଼ାର ରିପୋର୍ଟକୁ ଖଣ୍ଡନ କରି ଏହି ରିପୋର୍ଟଗୁଡ଼ିକୁ ମିଥ୍ୟା ଖବର ବୋଲି କହିଛି।

ମଣିପୁର ଅଶାନ୍ତ ପାଇଁ ଷଡଯନ୍ତ୍ର

ନୂଆଦିଲ୍ଲୀ,୧୨।୧୧(ଏଜେନ୍ସି): ମଣିପୁରରେ ବଡ଼ ଧରଣ ଆକ୍ରମଣ ପାଇଁ ହୋଇଥିଲା ଯୋଜନା। ହେଲେ ତା'ପୂର୍ବରୁ ଠାବ ହେଲା ବହୁ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ। ସୁରକ୍ଷା ବାହିନୀର ଚଢ଼ାଉରେ ଏକ ୧୦ ଫୁଟ୍ ଲମ୍ବର ରକେଟ୍, ଚୀନ୍ ନିର୍ମିତ ମୋର୍ଟାର, ହ୍ୟାଣ୍ଡ ଗ୍ରେନେଡ୍ ଓ ବହୁ ସଂଖ୍ୟାରେ ବିସ୍ଫୋରକ ଜବତ କରିଛି। ଦୁଇ ଦିନ ମଧ୍ୟରେ ବିଷ୍ଣୁପୁର ଓ ଚୁଡ଼ାଚାନ୍ଦପୁର ଜିଲ୍ଲାରୁ ଏତେ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ହେବା ପରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ଚିନ୍ତା ବଢ଼ିଛି।ନଭେମ୍ବର ୧୦ ତାରିଖରେ ବିଷ୍ଣୁପୁର ଜିଲ୍ଲାର କୀଫା ରୋଡ୍ ନିକଟରେ ପୋଲିସ ଓ ସୁରକ୍ଷା ବାହିନୀର ମିଳିତ ଟିମ୍ ସର୍ଚ୍ଚ ଅପରେସନ୍ କରିଥିଲା। ଏହି ସମୟରେ ଦୁଇଟି ଦେଶୀ ପିସ୍ତଲ, ମ୍ୟାଗାଜିନ୍ ସହ ଗୋଟିଏ ଦେଶୀ ଗଚ-୫, ଗୋଟିଏ ଦେଶୀ ମୋର୍ଟାର ଓ ଗୋଟିଏ ଏସ୍ବିବିଏଲ୍ ବନ୍ଧୁକ ଜବତ ହୋଇଥିଲା। ଏହା ସହିତ ୩ଟି ହ୍ୟାଣ୍ଡ ଗ୍ରେନେଡ୍, ଗୋଟିଏ ଆଇଡି ଏବଂ ଗୋଟିଏ ହାଇ ଏକ୍ସପ୍ଲୋସିଭ୍ ବୋମା ମଧ୍ୟ ମିଳିଥିଲା। ଏହି ଅପରେସନରେ ବିଷ୍ଣୁପୁର ସିଡିଓ, ମୋଇରାଙ୍ଗ ଥାନା ପୋଲିସ ଓ ଭାରତୀୟ ସେନା ସାମିଲ ଥିଲେ।ନଭେମ୍ବର ୧୧ ତାରିଖରେ ଚୁଡ଼ାଚାନ୍ଦପୁର ଜିଲ



ଗୁଡ୍‌ନାଇଟ୍ ପକ୍ଷରୁ ମାତ୍ର ୩ ଟଙ୍କାରେ ସବୁଠୁ ପ୍ରଭାବଶାଳୀ ମଶା ଘଉଡ଼ାଇବା ଲୋସନ ଉନ୍ମୋଚିତ

ଭୁବନେଶ୍ୱର, ୧୨।୧୧ (ନି.ପ୍ର) : ଗୋଦରେଜ୍ କଂଜ୍ୟୁମର ପ୍ରଡକ୍ଟସ୍ ଲିମିଟେଡ୍ (ଜିସିପିଏଲ୍)ର ଭାରତର ଅଗ୍ରଣୀ ମଶା ଘଉଡ଼ାଇବା ବ୍ରାଣ୍ଡ ଗୁଡ୍‌ନାଇଟ୍ ପକ୍ଷରୁ ଗୁଡ୍‌ନାଇଟ୍ ମସ୍କିଟୋ ରିପେଲାଂଟ୍ ଲୋସନ ଉନ୍ମୋଚନ କରାଯାଇଛି । ଏହାର ସାସେର ମୂଲ୍ୟ ମାତ୍ର ୩ ଟଙ୍କା ରହିଛି । ଏହା ହେଉଛି ଭାରତର ସବୁଠୁ ପ୍ରଭାବଶାଳୀ ବ୍ୟକ୍ତିଗତ ମଶା ଘଉଡ଼ାଇବା ରିପେଲାଂଟ୍ ଯାହା ରାଜ୍ୟର ପ୍ରତି ପରିବାର, ଘର କାର୍ଯ୍ୟକ୍ଷେତ୍ର ଓ ଯାତାୟାତ ବେଳେ ୮ ଘଂଟା ପର୍ଯ୍ୟନ୍ତ ମଶାଙ୍କଠାରୁ ସୁରକ୍ଷା ପ୍ରଦାନ କରିବ । ମାଲେରିଆ ଓ ଡେଙ୍ଗୁ ଭଳି ମଶା ଜନିତ ରୋଗ ଓଡ଼ିଶା ଓ ଦେଶରେ ଏକ ବାରମ୍ବାର ଘଟୁଥିବା ସ୍ୱାସ୍ଥ୍ୟ ସମସ୍ୟା । ତେଣୁ ଏକ ସୁବିଧାଜନକ, ସୁଲଭ ମଶା ସୁରକ୍ଷା ବ୍ୟବସ୍ଥାର ଯଥେଷ୍ଟ ଗୁରୁତ୍ୱ ରହିଛି । ଘରେ ହେଉ କିମ୍ବା ବାହାରେ ବାହାରକୁ ଦେଖାଯାଉଥିବା ଚର୍ମରେ ତାହାକୁ ବ୍ୟବହାର କରି ମଶାଠାରୁ ୮ ଘଂଟା ସୁରକ୍ଷା ହାସଲ କରିହେବ । ଏହାର ଗୋଟିଏ ସାସେକୁ ଥରେ ବ୍ୟବହାର କରିହେବ ଓ



ତାହାର ଦାମ ୩ ଟଙ୍କା ରହିଛି । ଗୋଦରେଜ କଂଜ୍ୟୁମର ପ୍ରଡକ୍ଟସ୍ ଲିମିଟେଡ୍ (ଜିସିପିଏଲ୍)ର ମାର୍କେଟିଂ ମୁଖ୍ୟ-ହୋମ୍ କେୟାର ନୀରଜ ସେଙ୍ଗୁପ୍ତଭନ, 'ମଶା ବାହିତ ରୋଗରୁ ସୁରକ୍ଷା ସମସ୍ତଙ୍କ ପାଖରେ ପହଂଚିବା ଦରକାର ଏବଂ ଅତି ଜଟିଳ ସ୍ଥିତିରେ ରହୁଥିବା ଲୋକଙ୍କ ପାଇଁ ତାହା ନିହାତି ଦରକାର । ବାହାରେ ଦୀର୍ଘ ସମୟ ରହୁଥିବା ବ୍ୟକ୍ତି ଯଥା ଚାଷୀ, ୱାଚମ୍ୟାନ, କର୍ମକ୍ଷେତ୍ରକୁ ଯିବାଆସିବା କରୁଥିବା ଲୋକ କିମ୍ବା କଷ୍ଟକର ସ୍ଥିତିରେ ଶୋଉଥିବା ଲୋକମାନଙ୍କ ପାଇଁ ଏକ ସୁଲଭ ସମାଧାନ ଭାବେ ଗୁଡନାଇଟ୍ ମସ୍କିଟୋ ରିପେଲାଂଟ୍ ଲୋସନର ଶୁଭାରମ୍ଭ କରାଯାଇଛି । ଗୁଡନାଇଟ୍‌ର ଏହି ୩ ଟଙ୍କିଆ ଥରେ ମାତ୍ର ବ୍ୟବହାରଯୋଗ୍ୟ ବ୍ୟକ୍ତିଗତ ମଶା ଘଉଡ଼ାଇବା ସମାଧାନ ହେଉଛି ଲୋକଙ୍କୁ ଭଲ ଭାବେ ସେବା ପ୍ରଦାନ କରିବା ଓ ସେମାନଙ୍କ ଦୈନନ୍ଦିନ ଜୀବନରେ ବାସ୍ତବ ପରିବର୍ତନ ଆଣିବାର ଏକ ଛୋଟ ଉଦ୍ୟମ ।

ଭିଏଏମଏଲ୍ କୋଇଲା ଖଣି 'ପ୍ରକଳ୍ପ ବିଦ୍ୟା' ଅଧୀନରେ ପାଠ୍ୟ ସହାୟକ ପୁସ୍ତକ ବଣ୍ଟନ ମାଧ୍ୟମରେ ଶିକ୍ଷାଗତ ଉତ୍କର୍ଷତାକୁ ପ୍ରୋତ୍ସାହନ କରୁଛି

ଭୁବନେଶ୍ୱର, ୧୨।୧୧ (ନି.ପ୍ର) : ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ 'ବେଦାନ୍ତ ଆଲୁମିନିୟମ' କୋଇଲା ଖଣି ପ୍ରମୁଖ ଶିକ୍ଷା କାର୍ଯ୍ୟକ୍ରମ 'ପ୍ରକଳ୍ପ ବିଦ୍ୟା' ଅଧୀନରେ ଓଡ଼ିଶାର ନବମ, ଦଶମ ଏବଂ ଦ୍ୱାଦଶ ଶ୍ରେଣୀର ୧୧୮୫ ଜଣ ଛାତ୍ରଛାତ୍ରୀଙ୍କୁ ପାଠ୍ୟକ୍ରମ ଉପଯୋଗୀ ଶିକ୍ଷଣ ସାମଗ୍ରୀ ବଣ୍ଟନ କରିଛି । ଏହି ପଦକ୍ଷେପରେ କୁରାଲୋଇ, ଜାମଖାନି ଏବଂ ଘୋଘରପଲ୍ଲୀ ଅଞ୍ଚଳରେ ଥିବା ସରକାରୀ ବିଦ୍ୟାଳୟଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି । ଏହି ପଦକ୍ଷେପ ଶ୍ରେଣୀଗତ ଶିକ୍ଷାକୁ ସୁଦୃଢ଼ କରିବା ଏବଂ ବୋର୍ଡ ପରୀକ୍ଷା ପ୍ରସ୍ତୁତିରେ ସହାୟତା କରିବା ସହ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ପ୍ରଦର୍ଶନକୁ ଉନ୍ନତ କରିବାରେ ସହାୟକ ହେଉଛି । କୁରାଲୋଇ, ଜାମଖାନି ଏବଂ ଘୋଘରପଲ୍ଲୀ ଅଞ୍ଚଳରେ ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟକ୍ରମ ଉପଯୋଗୀ ପାଠ୍ୟ ସହାୟକ ପୁସ୍ତକ ଯୋଗାଇ ଶିକ୍ଷାଗତ ଫଳାଫଳକୁ ସୁଦୃଢ଼ କରୁଛି । ଚଳିତ ଶିକ୍ଷାବର୍ଷରେ, ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲ୍ଲାର ହେମଗିରି ଓ ଲଖନପୁର ବ୍ଲକ ଅନ୍ତର୍ଗତ ସାତୋଟି ସରକାରୀ ବିଦ୍ୟାଳୟର ନବମ, ଦଶମ



ଏବଂ ଦ୍ୱାଦଶ ଶ୍ରେଣୀର ୫୫୧ ଜଣ ଛାତ୍ରଛାତ୍ରୀ ଏହି ପଦକ୍ଷେପ ଦ୍ୱାରା ଉପକୃତ ହୋଇଛନ୍ତି । ଉଭୟ ଅବଜେକ୍ଟିଭ ଏବଂ ସବଜେକ୍ଟିଭ ଶିକ୍ଷାକୁ ସମର୍ଥନ କରିବା ପାଇଁ ପ୍ରସ୍ତୁତ ଏହି ପୁସ୍ତକଗୁଡ଼ିକ ବିଷୟଗତ ଜ୍ଞାନ ବୃଦ୍ଧି, ବିଶ୍ଳେଷଣାତ୍ମକ ଦକ୍ଷତାର ବିକାଶ, ସ୍ୱୟଂ-ଶିକ୍ଷଣକୁ ଉତ୍ସାହିତ କରିବା ଏବଂ ବୋର୍ଡ ପରୀକ୍ଷା ପାଇଁ ପ୍ରସ୍ତୁତିକୁ ଉନ୍ନତ କରିବାରେ ସାହାଯ୍ୟ କରନ୍ତି । ଏହି ପ୍ରୟାସ ବିଷୟରେ ବେଦାନ୍ତ କୋଇଲା ଖଣିର ସିଇଓ ଅମରେଶ କୁମାର କହିଛନ୍ତି, 'ଶିକ୍ଷା ହେଉଛି ଦୀର୍ଘକାଳୀନ ସାମାଜିକ ଏବଂ ଆର୍ଥିକ ପ୍ରଗତି ପାଇଁ ସବୁଠାରୁ ଶକ୍ତିଶାଳୀ ବାହକ । ପ୍ରକଳ୍ପ ବିଦ୍ୟା ମାଧ୍ୟମରେ, ଆମେ ଗୁଣାତ୍ମକ ଶିକ୍ଷାର ଉପଲବ୍ଧତାକୁ ସୁଦୃଢ଼ କରିବା ଏବଂ ଛାତ୍ରଛାତ୍ରୀମାନଙ୍କୁ ଉତ୍କର୍ଷ ହାସଲ କରିବା ପାଇଁ ଆବଶ୍ୟକ ସମ୍ବଳ ସହିତ ସମର୍ଥନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ । ଏପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମରୁ ୪୧,୦୦୦ ରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହେବା ସହିତ, ଆମେ ଶିକ୍ଷାଗତ ଉତ୍କର୍ଷତାରେ ଅବଦାନ ଦେଇ ଏବଂ ଯୁବ ଶିକ୍ଷାର୍ଥୀମାନଙ୍କୁ ଆତ୍ମବିଶ୍ୱାସର ସହିତ ସେମାନଙ୍କର ଆକାଂକ୍ଷାକୁ ହାସଲ କରିବାରେ ସାହାଯ୍ୟ କରି ଗର୍ବିତ ।'ହେମଗିର ବ୍ଲକର ଲୁଆବାହାଲ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ନବନୀତା ନାଏକ ତାଙ୍କ ଅଭିଜ୍ଞତା ବାଣ୍ଟି କହିଛନ୍ତି, 'ପ୍ରକଳ୍ପ ବିଦ୍ୟା ଅଧୀନରେ ବଣ୍ଟନ କରାଯାଇଥିବା ପାଠ୍ୟ ସହାୟକ ପୁସ୍ତକଗୁଡ଼ିକ ଆମର ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ବୋର୍ଡ ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ଏବଂ ମୁଖ୍ୟ ବିଷୟଗୁଡ଼ିକର ବୁଝାମଣାକୁ ମଜବୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ପ୍ରକଳ୍ପ ବିଦ୍ୟା ଆରମ୍ଭ ହେବା ପରଠାରୁ ଶିକ୍ଷା ବୃଦ୍ଧି ଏବଂ ସାମଗ୍ରିକ ବିକାଶ ଉପରେ ଗ୍ରହଣ କରିଥିବା ପଦକ୍ଷେପ ମାଧ୍ୟମରେ କୁରାଲୋଇ, ଜାମଖାନି ଏବଂ ଘୋଘରପାଲିର ୪୧,୦୦୦ ରୁ ଅଧିକ ପିଲାଙ୍କୁ ସକାରାତ୍ମକ ଭାବରେ ପ୍ରଭାବିତ କରିଛି । ପ୍ରମୁଖ ପଦକ୍ଷେପଗୁଡ଼ିକ ମଧ୍ୟରେ ସରକାରୀ ସ୍କୁଲରେ ଅତିରିକ୍ତ ଶିକ୍ଷକ ନିଯୁକ୍ତି, ଶିକ୍ଷା ସମ୍ବଳ ସହାୟତା, କ୍ୟାରିଅର ମାର୍ଗଦର୍ଶନ କାର୍ଯ୍ୟକ୍ରମ, ବିଜ୍ଞାନ ମେଳା, ସୃଜନଶୀଳ ଶିକ୍ଷଣ କାର୍ଯ୍ୟକଳାପ ଏବଂ ଛାତ୍ରମାନଙ୍କୁ ସାମିଲ କରିବା ପଦକ୍ଷେପ ଅନ୍ତର୍ଭୁକ୍ତ । ଏହି ପଦକ୍ଷେପଟି ଭିଏମଏମଏଲ କୋଇଲା ଖଣିର ବ୍ୟାପକ ସାମୁଦାୟିକ ବିକାଶ ପ୍ରୟାସର ଏକ ଅଂଶ ଅଟେ । ଶିକ୍ଷା, ସ୍ୱାସ୍ଥ୍ୟସେବା, ଜୀବିକା ଏବଂ ସାମାଜିକ ବିକାଶ କ୍ଷେତ୍ରରେ ଲକ୍ଷ୍ୟଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ, ଏହା ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲ୍ଲାର ୨୬ଟି ଗ୍ରାମର ୨ ଲକ୍ଷରୁ ଅଧିକ ଲୋକଙ୍କ ଉପରେ ସକାରାତ୍ମକ ପ୍ରଭାବ ପକାଇଛି । ଲୋକ ଏବଂ ସମ୍ପ୍ରଦାୟ ଉପରେ ନିରନ୍ତର ନିବେଶ ମାଧ୍ୟମରେ, କମ୍ପାନୀ ଏକ ସ୍ଥାୟୀ ସାମାଜିକ ପ୍ରଭାବ ସୃଷ୍ଟି କରିବା ସହ ନିଜର ପଡ଼ ?ଶୀ ଅଞ୍ଚଳଗୁଡ଼ିକରେ ଅନ୍ତର୍ଭୁକ୍ତମୂଳକ ଓ ସ୍ଥାୟୀ ବିକାଶକୁ ସୁନିଶ୍ଚିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛି ।

ରିୟଲ୍‌ମିର ବିକ୍ରୟ ପରବର୍ତ୍ତୀ ସେବା ନେଟୱାର୍କ ୬୭୦ରୁ ଅଧିକ କେନ୍ଦ୍ରକୁ ସମ୍ପ୍ରସାରିତ

ନୂଆଦିଲ୍ଲୀ, ୧୨।୧୧ (ନି.ପ୍ର) : ସ୍ମାର୍ଟଫୋନ୍ ନିର୍ମାତା କମ୍ପାନୀ ରିୟଲ୍ ?ମି ଗୁରୁବାର ଦିନ ଭାରତରେ ଏହାର ବିକ୍ରୟ ପରବର୍ତ୍ତୀ ସେବା ନେଟୱାର୍କର ଏକ ବଡ଼ ସମ୍ପ୍ରସାରଣ ଘୋଷଣା କରିଛି, ଯାହା ଫଳରେ ଦେଶର ୫୫୦ରୁ ଅଧିକ ସହରରେ ଏହାର ମୋଟ ସେବା କେନ୍ଦ୍ର ସଂଖ୍ୟା ୬୭୦ରୁ ଅଧିକ ହୋଇଛି । ନଭେମ୍ବର ୧୬ ତାରିଖରୁ କାର୍ଯ୍ୟକାରୀ ହେବାକୁ ଥିବା ଏହି ପଦକ୍ଷେପରେ ଓପୋର ବର୍ତ୍ତମାନର ସେବା ଭିତ୍ତିଭୂମିକୁ ବ୍ୟବହାର କରି ଦେଶବ୍ୟାପୀ ଗ୍ରାହକଙ୍କ ନିକଟତର ହେବା ସହ ମରାମତି ଏବଂ ବୈଷୟିକ ସହାୟତା ପହଞ୍ଚାଯିବ । ଉନ୍ନତମାନର ଏବଂ ରିୟଲ୍ ?ମି ବ୍ରାଣ୍ଡେଡ୍ ଏହି କେନ୍ଦ୍ରଗୁଡ଼ିକ ଗ୍ରାହକଙ୍କ ପହଞ୍ଚିବା ଦୂରତା କମାଇବା ସହିତ ଏକ ଆରାମଦାୟକ ଅନୁଭୂତି ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି । ସେବାର ଗୁଣବତ୍ତା ବଜାୟ ରଖିବା ପାଇଁ, ଏହି ନେଟୱାର୍କରେ ୧,୫୦୦ରୁ ଅଧିକ ପ୍ରମାଣିତ ଇଞ୍ଜିନିୟର ନିୟୋଜିତ ଅଛନ୍ତି, ଯେଉଁମାନେ ମାନକୀକୃତ ମରାମତି ପ୍ରକ୍ରିୟା ଅନୁସରଣ କରିବା ସହ କେବଳ ଅସଲି ସ୍ପ ?ୟାର ପାର୍ଟସ୍ ବ୍ୟବହାର କରିବେ । ଏହା ବ୍ୟତୀତ, ଏହି ସହଭାଗୀତା ମାଧ୍ୟମରେ ଉଭୟ ରିୟଲ୍ ?ମି ଏବଂ ଓପୋ ଗ୍ରାହକମାନେ ପ୍ରତି ମାସରେ 'ସର୍ଭିସ୍ ଡେ'ର ମିଳିତ ସୁବିଧା ପାଇପାରିବେ । ଏଠାକୁ ଆସୁଥିବା ଗ୍ରାହକମାନେ ସ୍କ୍ରିନ୍, ବ୍ୟାଟେରୀ ଏବଂ ବ୍ୟାକ୍-କଭର୍ ମରାମତି ଉପରେ ରିହାତି ପାଇବା ସହ ମାଗଣା ଲେବର୍ ଚାର୍ଜ, ମାଗଣା ସଫ୍ଟୱେର୍ ଅପଡେଟ୍, ଫୋନ୍ ସଫା କରିବା ଓ ସ୍କ୍ରିନ୍-ପ୍ରୋଟେକ୍ଟର ଲଗାଇବା ସୁବିଧା ପାଇପାରିବେ ।



ଓଡ଼ିଶାରସ୍ୱାଦ, ସଂସ୍କୃତି ଓ କାହାଣୀକୁ ନୂଆ ରୂପ ଦେବ ହାପିଡେଣ୍ଟର 'ଜଗମଗ୍‌ଗାହାନିୟାଁ'

ଭୁବନେଶ୍ୱର, ୧୨।୧୧ (ନି.ପ୍ର) : ପରଫେଟି ଭାନ୍ ମେଲେ ଇଣ୍ଡିଆର ପ୍ରମୁଖ ଗମ୍ ବ୍ରାଣ୍ଡ ହାପିଡେଣ୍ଟ ପକ୍ଷରୁ ଓଡ଼ିଶାର ସମୃଦ୍ଧ ଖାଦ୍ୟ ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ପାଳନ କରିବା ଉଦ୍ଦେଶ୍ୟରେ ଡିଜିଟାଲ୍-ପ୍ରଥମ ଫୁଡ୍ ସିରିଜ୍ 'ଜଗମଗ୍ କାହାନିୟାଁ: ଓଡ଼ିଶାର ଗପ' ଆରମ୍ଭ କରାଯାଇଛି । ମାଷ୍ଟରସେଫ୍ ଇଣ୍ଡିଆ ସିଜନ୍ ୫ ବିଜେତା ସେଫ୍ ଅବିନାଶ ନାୟକଙ୍କ ଦ୍ୱାରା ଉପସ୍ଥାପିତ ଏହି ଚାରି ଭାଗ ବିଶିଷ୍ଟ ୟୁଟ୍ୟୁବ୍ ସିରିଜ୍ ?ରେ ପୁରୀ, କଟକ, ଚିଲିକା ଓ ଭୁବନେଶ୍ୱରର ଖାଦ୍ୟ ପରମ୍ପରା ସହ ଜଡ଼ିତ ରୋଚକ କାହାଣୀକୁ ସ୍ଥାନ ଦିଆଯାଇଛି । ଏଥିରେ ପୁରୀର ରଥଯାତ୍ରା ଓ ମହାପ୍ରସାଦ, କଟକର ଲୋକପ୍ରିୟ ଦହିବରା-ଆଳୁଦମ୍, ଚିଲିକାର ସ୍ୱତନ୍ତ୍ର ଖାଦ୍ୟ ପରମ୍ପରା ଏବଂ ଓଡ଼ିଶାର ପ୍ରସିଦ୍ଧ ମିଠା ଛେନାପୋଡ଼ର ଉତ୍ପତ୍ତି କାହାଣୀକୁ ଆକର୍ଷଣୀୟ ଢଙ୍ଗରେ ଉପସ୍ଥାପନ କରାଯାଇଛି । ଏହି ଅବସରରେ ପରଫେଟି ଭାନ୍ ମେଲେ ଇଣ୍ଡିଆର ମାର୍କେଟିଂ ଡାଇରେକ୍ଟର ଗୁଞ୍ଜନ ଖେତାନ



କହିଛନ୍ତି, "ହାପିଡେଣ୍ଟ ସର୍ବଦା ଏଭଳି କାହାଣୀ ସୃଷ୍ଟି କରିବାରେ ବିଶ୍ୱାସ କରେ, ଯାହା ଦୈନନ୍ଦିନ ମୁହୂର୍ତ୍ତଗୁଡ଼ିକରେ ଟିକିଏ ଉଜ୍ଜ୍ୱଳତା ଆଣିଥାଏ । 'ଜଗମଗ୍ କାହାନିୟାଁ: ଓଡ଼ିଶାର ଗପ' ମାଧ୍ୟମରେ ଆମେ ଓଡ଼ିଶାର ସମୃଦ୍ଧ ଖାଦ୍ୟ ସଂସ୍କୃତି ଓ ଏହାକୁ ସ୍ୱତନ୍ତ୍ର କରୁଥିବା କାହାଣୀଗୁଡ଼ିକୁ ସାମ୍ନାକୁ ଆଣୁଛୁ । ଖାଇବା ପରବର୍ତ୍ତୀ ମୁହୂର୍ତ୍ତ ସହ ଜଡ଼ିତ ଏକ ବ୍ରାଣ୍ଡ ଭାବେ, ଖାଦ୍ୟ, ସ୍ମୃତି ଓ ହସର ଏହି ଯାତ୍ରାରେ ହାପିଡେଣ୍ଟ ସ୍ୱାଭାବିକ ଭାବରେ ଯୋଡ଼ି ହୋଇଛି ।"

ସେଫ୍ ଅବିନାଶ ନାୟକ କହିଛନ୍ତି, "ମୋ ପାଇଁ ଓଡ଼ିଶାର ଖାଦ୍ୟ କେବଳ ରେସିପି ନୁହେଁ, ବରଂ ପ୍ରତ୍ୟେକ ଖାଦ୍ୟ ସହ ଜଡ଼ିତ ସ୍ମୃତି, ସ୍ଥାନ, ଲୋକ ଓ କାହାଣୀର ଏକ ଅନନ୍ୟ ସମାହାର । ଏହି ସିରିଜ୍ ମାଧ୍ୟମରେ ପୁରୀର ମହାପ୍ରସାଦ, କଟକର ଦହିବରା-ଆଳୁଦମ୍, ଚିଲିକାର ସ୍ୱାଦ ଓ ଛେନାପୋଡ଼ର ମିଠା କାହାଣୀକୁ ପୁଣିଥରେ ଅନୁଭବ କରିବାର ସୁଯୋଗ ପାଇଛି । ଖାଦ୍ୟ କେବଳ ଆମେ କ'ଣ ଖାଉଛୁ ତାହା ନୁହେଁ, ଏହା ଆମ ସଂସ୍କୃତି, ଭାବନା ଓ ଖାଇବା ପରେ ମଧ୍ୟ ଦୀର୍ଘ ସମୟ ଧରି ମନରେ ରହିଯାଉଥିବା କଥାବାର୍ତ୍ତାର ପ୍ରତିଫଳନ ।" ଏହି ସିରିଜ୍‌ର ଚାରିଟି ଅଧ୍ୟାୟ ଯଥା 'ପୁରୀ: ରଥ ଚାଲିବ, ରସ ଚାଲିବ', 'କଟକ: ଦହିବରା ଆଳୁଦମ୍ ଦିନ', 'ଚିଲିକା: ଚିଲିକାର ଖଜାନା' ଏବଂ 'ଭୁବନେଶ୍ୱର: ମିଠା ଶେଷ' ହାପିଡେଣ୍ଟ ଇଣ୍ଡିଆର ଅଫିସିଆଲ୍ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଉପଲବ୍ଧ ରହିଛି ।

କରଣ ସମାଜ ପକ୍ଷରୁ ଚିତ୍ରଗୁପ୍ତ ପୂଜା

କେନ୍ଦ୍ରାପଡ଼ା, ୧୨।୧୧ (ନି.ପ୍ର) : କେନ୍ଦ୍ରାପଡ଼ା ଜିଲ୍ଲା କରଣ ସମାଜ ପକ୍ଷରୁ କୁଳଗୁରୁ ଚିତ୍ରଗୁପ୍ତଙ୍କ ପୂଜା ସ୍ଥାନୀୟ ପାହାଡ଼ପୁର ମଠରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଚିତ୍ରଗୁପ୍ତଙ୍କ ପୂଜା କରାଯିବା ପରେ ହୋମଯଜ୍ଞ କରାଯାଇଥିଲା । ଏହାପରେ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା । ପୂଜା ଶେଷ ହେବା ପରେ କରଣ ସମାଜର ସଭାପତି ସୁଧାଂଶୁ ରାୟଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଆଗାମୀ ଦିନରେ ବ୍ଲକ୍ କମିଟି ଗଠନ, ଜନଗଣନା, ପରିବାର ମିଳନ କାର୍ଯ୍ୟକ୍ରମ ମାନ କରିବା ପାଇଁ ଉପସ୍ଥିତ ସଦସ୍ୟ ମାନେ ପ୍ରସ୍ତାବ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବସନ୍ତ କୁମାର ଦାସ, ଶୈଳେନ୍ଦ୍ର ମହାନ୍ତି, ମନୋଜ ମହାନ୍ତି, କୈଳାସ ଚନ୍ଦ୍ର ମହାନ୍ତି, ବିଚିତ୍ର ମହନ୍ତି, ଚିତ୍ତରଞ୍ଜନ ଚୌଧୁରୀ, ଅଶ୍ୱିନୀ ପରିଜା, ଅଶୋକ ମହାନ୍ତି, ସଲିଲେନ୍ଦୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

ୱେବ ଓ ମୋବାଇଲ ପ୍ଲାଟଫର୍ମରେ ନୂଆ ଫିଚରର ଶୁଭାରମ୍ଭ କରିଛି ଏନଏସଇ

ଭୁବନେଶ୍ୱର, ୧୨।୧୧ (ନି.ପ୍ର) : ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ (ଏନଏସଇ) ଏହାର ୱେବସାଇଟ ଓ ମୋବାଇଲ ଆପ୍ଲିକେଶନରେ ନୂଆ ଫିଚରର ଆରମ୍ଭ କରି ନିଜର ଡିଜିଟାଲ ଇକୋସିଷ୍ଟମକୁ ଆହୁରି ସୁଦୃଢ଼ କରିଛି । ଏହି ନୂତନ ଫିଚର ସହିତ ଏନଏସଇ ନିବେଶକ ଓ ଟ୍ରେଡିଂ ସଦସ୍ୟଙ୍କ ପାଇଁ ବଜାର ସୂଚନାକୁ ଅଧିକ ପହଂଚଯୋଗ୍ୟ, ସହଜ ଓ ସୁବିଧାଜନକ କରିବ । ଏହାମଧ୍ୟରୁ ଗୋଟିଏ ଫିଚର ହେଉଛି ଏନଏସଇ ମାର୍କେଟ ଲେନ୍ସର ବିଟା ଭର୍ସନ ଯାହା ଉଭୟ ୱେବ ଓ ମୋବାଇଲରେ ଉପଲବ୍ଧ ଥିବା ଏକ ଷ୍ଟକ୍ ଅନ୍‌ୱେଷଣ ଓ ସ୍କ୍ରିନିଂ ପ୍ଲାଟଫର୍ମ । ଏହା ନିବେଶକଙ୍କୁ ଲୋକପ୍ରିୟ ଷ୍ଟକ୍ଗୁଡ଼ିକୁ ଏକ୍ସପ୍ଲୋର କରିବା, କ୍ଷେତ୍ର ଆଧାରରେ ଷ୍ଟକ୍ଗୁଡ଼ିକୁ ବ୍ରାଉଜ କରିବା ଓ ନିଜ ପସନ୍ଦ ଅନୁଯାୟୀ କଷ୍ଟମାଇଜ୍ଡ ସ୍କ୍ରିନ ତିଆରି କରିବା ପାଇଁ ସକ୍ଷମ କରିଥାଏ । ଏହାର ପ୍ରାକୃତିକ ଲାଙ୍ଗୁଏଜ ଇଂଟରଫେସ ନିବେଶକଙ୍କ ପ୍ରଶ୍ନଗୁଡ଼ିକୁ ଏଡିଟ ହୋଇପାରୁଥିବା ସ୍କ୍ରିନିଂ ଫିଲ୍ଟରରେ



ରୂପାନ୍ତର କରିଥାଏ ଏବଂ ଏହାର ଫଳାଫଳ ଏନଏସଇ ବଜାର ତଥ୍ୟ ଉପରେ ଆଧାରିତ ଥାଏ ।

ଏସମ୍ପର୍କରେ ଏନଏସଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିରାଲ ମୋଦି କହିଛନ୍ତି, "ନିରନ୍ତର ଡିଜିଟାଲ ଉଦ୍ଭାବନ ମାଧ୍ୟମରେ ଏନଏସଇ ନିବେଶକ ଓ ବଜାର ଅଂଶଗ୍ରହଣକାରୀଙ୍କୁ ସଶକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛି, ଯାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ ଲକ୍ଷ୍ୟରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ ।" ଏନଏସଇ ୱେବସାଇଟ ମଧ୍ୟ କର୍ପୋରେଟ ଘୋଷଣାନାମାଗୁଡ଼ିକର ଏଆଇ-ଆଧାରିତ ସାରାଂଶର ବିଟା ଭର୍ସନ ଆରମ୍ଭ କରିଛି ଯାହା ଉଭୟ ଫର୍ମାଟରେ ଉପଲବ୍ଧ ରହିଛି ଏବଂ ଏହା ଗୁରୁତ୍ୱପୂର୍ଣ୍ଣ କର୍ପୋରେଟ ସୂଚନାଗୁଡ଼ିକୁ ସହଜରେ ପାଇବାରେ ସାହାଯ୍ୟ କରିଥାଏ । ନିବେଶକମାନେ ଏଥିରେ ମିନିଟ୍ ଆଧାରିତ ଅପ୍‌ଡେଟ ସହିତ ଡେଲ୍ଟା, ଗାମା, ଥେଟା ଓ ଭେଗା ସମେତ ଅପ୍ସନ ଗ୍ରିକ୍ସ୍‌ଗୁଡ଼ିକୁ ଆକ୍ସେସ କରିପାରିବେ । ମଡେଲ କଂଟେକ୍ସଟ୍ ପ୍ରୋଟୋକଲ (ଏମସିପି) ମାଧ୍ୟମରେ ଏନଏସଇ ମାର୍କେଟ ଡାଟାକୁ ଚାଟଜିପିଟି ଓ କ୍ଲାଉଡ ଭଳି କମ୍ପାଟିବୁଲ ଏଆଇ ଆସିଷ୍ଟାଂଟଗୁଡ଼ିକ ମାଧ୍ୟମରେ ହାସଲ କରାଯାଇପାରିବ । ସେହିପରି ପୁନଃ ପରିକଳ୍ପିତ ଏନଏସଇ ଇଣ୍ଡିଆ ମୋବାଇଲ ଆପ୍ଲିକେଶନ ଉନ୍ନତ ନାଭିଗେଶନ ଓ ଫିଚର ପ୍ରଦାନ କରୁଛି ଯେଉଁଥିରେ ସେୟାରିଂ କ୍ଷମତା ସହ ପର୍ସନାଲାଇଜ୍ଡ ୱାଚଲିଷ୍ଟ, ପ୍ରାଇସ ଆଲର୍ଟ, ବିଭିନ୍ନ ସମ୍ପତ୍ତି ଶ୍ରେଣୀରେ ପୋର୍ଟଫୋଲିଓ ଟ୍ରାକିଙ୍ଗ୍, ପାରିବାରିକ ନିବେଶ ଟ୍ରାକିଂ, ନୋମିନେଶନ ମନିଟରିଂ, ପୋର୍ଟଫୋଲିଓ ଆନାଲିଟିକ୍ସ ଏବଂ ନିବେଶ

ଆଜିକାଲି ସମୟ

ଶୁକ୍ରବାର, ୧୩ ନଭେମ୍ବର ୨୦୨୬, ଭୁବନେଶ୍ୱର Friday, 13 November, 2026, Bhubaneswar



ଜାପାନ ପ୍ରତିନିଧି ଦଳଙ୍କ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ



ଗୋପ, ୧୨/୧୧ (ନି.ପ୍ର): ଗୁରୁବାର ପୂର୍ବାହ୍ନରେ ଜାପାନର ଏକ ପ୍ରତିନିଧି ଦଳ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିଛନ୍ତି ।ଏହି ଗ୍ରୁପ୍ତରେ ଜାପାନର ଟୋଟୋରି ପ୍ରଦେଶର ମାନ୍ୟବର ରାଜ୍ୟପାଳ ଶ୍ରୀ ସିଞ୍ଜି ହିରାଇ, ଭାରତରେ ଜାପାନର କନସୁଲ ଜେନେରାଲ ଶ୍ରୀ ଇସିକାୱା ଯୋସିହିସା ଏବଂ ଟୋଟୋରି ପ୍ରଦେଶର ମୁଖ୍ୟ ସଚିବ ଶ୍ରୀ ତୋସିକି ଏଣ୍ଡୋ ପ୍ରମୁଖ ଆସିବାର ଥିବା ବେଳେ କୌଣସି କାରଣରୁ ସେମାନେ ଆସିନଥିବା ବେଳେ କିଛି ପ୍ରତିନିଧି ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଥିବା ଦେଖିବାକୁ ମିଳିଥିଲା ।କୋଣାର୍କରେ ପ୍ରତିନିଧି ଦଳ ପହଞ୍ଚିବା ପରେ ସେମାନଙ୍କୁ ଓଟିଡିସି ଜିଏମ୍ ଧର୍ମେନ୍ଦ୍ର ମଲିକ୍, କୋଣାର୍କ ଏନ୍ ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନା, ପର୍ଯ୍ୟଟନ ଅଧିକାରିଣୀ ମାମିନି ପରିଡ଼ା, ଯାତ୍ରିନିବସ ପରିଚାଳକ ବାପି ରଞ୍ଜନ ସାହୁ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ସୂର୍ଯ୍ୟ ମନ୍ଦିରକୁ ପାଛୋଟି ନେଇଥିଲେ ।ପ୍ରତିନିଧି ଦଳ ବିଶ୍ୱ ପ୍ରସିଦ୍ଧ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିବା ସହ କୋଣାର୍କର କଳା, ସଂସ୍କୃତି ଏବଂ ଐତିହ୍ୟ ବିଷୟରେ ଅବଗତ ହୋଇଥିଲେ । ଏହି ଗ୍ରୁପ୍ତ ଓଡ଼ିଶା ଓ ଜାପାନ ମଧ୍ୟରେ ବନ୍ଧୁତା ଓ ସାଂସ୍କୃତିକ ସମ୍ପର୍କକୁ ଆହୁରି ମଜବୁତ କରିବ ବୋଲି ଆଶା କରାଯାଉଛି ।

କଟକ ଜିଲ୍ଲା ପରିଷଦର ଚତୁର୍ଦ୍ଦଶ ବୈଠକ ଅନୁଷ୍ଠିତ

କଟକ, ୧୨।୧୧ (ନି.ପ୍ର): ଆଜି ପୂର୍ବାହ୍ନରେ ଚତୁରଦ୍ଦଶ କଟକ ଜିଲ୍ଲା ପରିଷଦ ବୈଠକ ଜିଲ୍ଲା ପରିଷଦ ସଭାପତି ଶ୍ରୀ କିଶୋର ଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ନୂତନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ତ୍ରୟୋଦଶ ଜିଲ୍ଲା ପରିଷଦ ବୈଠକର କାର୍ଯ୍ୟସୂଚୀ ଟିପ୍ପଣୀ ଅନୁଯାୟୀ ଅନୁମୋଦିତ ହୋଇଥିବା କାର୍ଯ୍ୟ ଓ କାର୍ଯ୍ୟାନୁଷ୍ଠାନର ସମୀକ୍ଷା କରାଯାଇଥିଲା । ଆଜିର ବୈଠକର ଚଳିତ କାର୍ଯ୍ୟସୂଚୀ ଅନୁଯାୟୀ କୃଷି, ପଶୁପାଳନ , ଶିକ୍ଷା , ଜଙ୍ଗଲ, ପାନୀୟ ଜଳ, ରାସ୍ତା ଓ କୋଠାବାଡି ନିର୍ମାଣ ଆଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । ଆବଶ୍ୟକସ୍ଥଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ସମ୍ପର୍କରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ବୈଠକରେ ବିସ୍ତୃତ ତଥ୍ୟ ଉପସ୍ଥାପନା କରିଥିଲେ । ବୈଠକରେ ମାନ୍ୟବର ସାଂସଦ,ଲୋକସଭା,କଟକ ଡଃ ଭର୍ତ୍ତୃହରି ମହତାବ ଯୋଗଦେଇ, କୃଷି କ୍ଷେତ୍ରରେ ବିଶେଷକରି ଖରିଫ ଉତ୍ପାଦ ବୃଦ୍ଧି,ମୁଖ୍ୟମନ୍ତ୍ରୀ କୃଷି ଉଦ୍‌ୟୋଗ ଯୋଜନା, ମୁଖ୍ୟମନ୍ତ୍ରୀ ବନ୍ୟା ସହାୟତା ପ୍ୟାକେଜ୍, ଡାଲି ଜାତୀୟ ଫସଲ ଉତ୍ପାଦନ ବୃଦ୍ଧି ଏବଂ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ଆଦି ବିଷୟରେ ସବିଶେଷ



ଆଲୋଚନା କରିଥିଲେ । ବିଭିନ୍ନ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଓ ଶିକ୍ଷକ ନିଯୁକ୍ତି, ବିଦ୍ୟାଳୟର ଉନ୍ନତିକରଣ ବିଷୟରେ ଆଲୋଚନା କରାଯାଇଥିଲା । ବନଖଣ୍ଡ ଅଞ୍ଚଳର ବିକାଶ ନିମନ୍ତେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଉପସ୍ଥିତ ବନଖଣ୍ଡ ଅଧିକାରୀ ସୂଚନା ପ୍ରଦାନ କରିଥିଲେ । ବୈଠକରେ ଯୋଗଦେଇ ଆଠଗଡ଼ ବିଧାୟକ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପଶୁପାଳନ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅନ୍ତର୍ଗତ ଉନ୍ନତମାନର ଗାଈ କ୍ରୟ ଓ ଏହା ମାଧ୍ୟମରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ । ଗ୍ରାମ୍ୟ ଭିତ୍ତିଭୂମିର ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ବିଭିନ୍ନ ପ୍ରକଳ୍ପର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା । ସରକାରୀ ଯୋଜନା ଅଧୀନରେ ବିଭିନ୍ନ ପ୍ରକଳ୍ପ ବର୍ତ୍ତମାନ ପ୍ରକ୍ରିୟାଧୀନ ଥିବା ନେଇ ବୈଠକରେ ସୂଚନା ଦିଆଯାଇଥିଲା । ବୈଠକରେ,ସାଲେପୁର ବିଧାୟକ ଶ୍ରୀ ପ୍ରଶାନ୍ତ ବେହେରା, କଟକ-ସଦର ବିଧାୟକ ଶ୍ରୀ ପ୍ରକାଶ ଚନ୍ଦ୍ର ସେଠୀ, ଚୌଦ୍ୱାର ବିଧାୟକ ଶ୍ରୀ ସୌଭିକ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ଅଞ୍ଚଳରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ଜନକଲ୍ୟାଣ ମୂଳକ ଯୋଜନାକୁ ସମୀକ୍ଷା କରିଥିଲେ ଏବଂ ଆବଶ୍ୟକୀୟ ଥିବା ସମସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ପ୍ରୟାସ ଜାରି ରଖାଯିବା ନେଇ ମତ ରଖିଥିଲେ। ବୈଠକରେ କଟକ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଶ୍ରୀ ପ୍ରଶାନ୍ତ କୁମାର ନାୟକ ଆଜିର ଏହି ବୈଠକରେ ସହ ସଂଯୋଜନା କରିଥିବାବେଳେ କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ରାମନାରାୟଣ ମହାନ୍ତି , ଜଗତସିଂହପୁର ସାଂସଦଙ୍କ ପ୍ରତିନିଧି ବନ୍ଧୁ ଚରଣ ସାହୁ, ସମେତ ଜିଲ୍ଲା ପରିଷଦ ଷ୍ଟାଣ୍ଡିଂ କମିଟି ଅଧକ୍ଷ ଶ୍ରୀ ଆଶିଷ କୁମାର ସାହୁ, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ତଥା ବିଭିନ୍ନ ବ୍ଲକର ଅଧକ୍ଷ/ ଅଧକ୍ଷା, ପଞ୍ଚାୟତ ସମିତି ଅଧକ୍ଷ/ ଅଧକ୍ଷା, ବ୍ଲକ୍ ପ୍ରତିନିଧି, ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟା, ପଞ୍ଚାୟତ ସମିତି ସଭ୍ୟ/ ସଭ୍ୟା ବୃନ୍ଦ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକ ଶେଷରେ ଜିଲ୍ଲା ପରିଷଦ ଉପସଭାପତି ଶ୍ରୀମତୀ ସୁଭଦ୍ରା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ହୋଟେଲରେ ବାସୀ ରନ୍ଧାଖାଦ୍ୟ ଦେବାକୁ ନେଇ ଉତେଜନା : ଥାନାରେ ଅଭିଯୋଗ

ବଳଙ୍ଗା, ୧୨।୧୧ (ନି.ପ୍ର) : ବଳଙ୍ଗା ବଜାରରେ ଥିବା ଏକ ହୋଟେଲରେ ବାସି ରନ୍ଧାଖାଦ୍ୟ ଦେବାକୁ ନେଇ ଉତେଜନା ଦେଖାଦେବା ସହ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ବଳଙ୍ଗା ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ସୂଚନା ମୁତାବକ ଏହି ଥାନା ଅନ୍ତର୍ଗତ ରୁପଦେଇପୁର ଗ୍ରାମର ବିଜୟ ରଣାଙ୍କ ପତ୍ନୀ ଝୁନିମଣି ସେଠୀ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଝୁନୀଙ୍କ ଘର କାମ ହେଉଥିବାରୁ ସେ ତାଙ୍କ ପୁଅକୁ ବଳଙ୍ଗା ବଜାରରେ ଥିବା ଏକେଇ ହୋଟେଲକୁ ୫ଟା ମିଲ ପାଇଁ ପଠାଇଥିଲେ। ହୋଟେଲ ମାଲିକ ମିଲ ଦେବା ପରେ ଝୁନିଙ୍କ ପୁଅ ଠାରୁ ୪ଶହ ଟଙ୍କା ରଖିଥିଲେ। ତେବେ ଘରେ ଝୁନି ପୁଅକୁ ଖାଇବା ପାଇଁ ଦେଇଥିଲେ । ଖାଇବା ସମୟରେ ହୋଟେଲ ମାଲିକ ଦେଇଥିବା ଭାତ ବାସି ଥିବା ଓ ସେଥିରୁ ଦୁର୍ଗନ୍ଧ ବାହାରୁଥିବା ଜଣା ପଡିଥିଲା । ପରେ ଝୁନୀ ପୁଅ ସହ ସମସ୍ତ ମିଳକୁ ଆଣି ହୋଟେଲ ମାଲିକଙ୍କୁ କହିବା ସହ ଟଙ୍କା ଫେରସ୍ତ ମାଗିଥିଲେ। ହୋଟେଲ ମାଲିକ ଟଙ୍କା ନ ଦେଇ ଓଲଟି ଝୁନୀ ଙ୍କ ସହ ଯୁକ୍ତିତର୍କ କରିଥିଲେ। ଝୁନୀ ଥାନରେ ଅଭିଯୋଗ କରିବା ପାଇଁ ଧମକ ଦେବାରୁ ହୋଟେଲ ମାଲିକ ବାସି ଭାତକୁ ଗରମ କରି ଦେଇଥିବା ନେଇ ସ୍ୱୀକାର କରିଥିଲେ ସୁଦ୍ଧା ଟଙ୍କା ଫେରସ୍ତ ନକରିବାରୁ ଝୁନୀ ନେଇଥିବା ଭାତକୁ ଧରି ଥାନାରେ ଅଭିଯୋଗ କରିଛନ୍ତି ।

କେନାଲ ଭିତରକୁ ଓଲଟି ପଡ଼ିଲା ହାଇୱା :ଅଳ୍ପକେ ବର୍ତ୍ତିଲେ ଚାଳକ

ବଳଙ୍ଗା, ୧୨।୧୧ (ନି.ପ୍ର): ଗୁରୁବାର ଅପରାହ୍ନରେ ଚନ୍ଦନ ପୁର ବ୍ରାଞ୍ଚ କେନାଲ ବନ୍ଧର ସାହାଡ଼ା ପଡ଼ା ଠାରେ ଏକ ଡଷ୍ଟ ବୋଝେଇ ହାଇୱା କେନାଲ ଭିତରକୁ ଓଲଟି ଦୁର୍ଘଟଣା ଗ୍ରସ୍ତ ହୋଇଛି । ତେବେ ସୌଭାଗ୍ୟ ବଶତ ଚାଳକ ଜଣଙ୍କ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ମୁତାବକ ଏହି କେନାଲ ବନ୍ଧର ବଳଙ୍ଗା ଠାରୁ ପାର୍ବତୀ ପୁର ପର୍ଯ୍ୟନ୍ତ ସଂପ୍ରସାରଣ କାର୍ଯ୍ୟ ଚାଲୁ ରହିଛି । ତେବେ ଏହି ନିର୍ମାଣ କାର୍ଯ୍ୟରେ ନିମ୍ନ ମାନର ସାମଗ୍ରୀ ବ୍ୟବହାର ହେବା ଏବଂ ସଂପ୍ରସାରଣ କାର୍ଯ୍ୟରେ ଭାଇ ଭ୍ରେଟର ବ୍ୟବହାର ନକିବା ସହ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନ ମାନର ହେଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ଆଜି ଅପରାହ୍ନରେ ରାସ୍ତା କାର୍ଯ୍ୟରେ ବ୍ୟବହାର ପାଇଁ ଏକ ହାଇୱା



ଡଷ୍ଟ ବୋଝେଇ କରି ବଳଙ୍ଗାରୁ ପାର୍ବତୀ ପୁର ଅଭିମୁଖେ ଯାଉଥିଲା ବେଳେ ସାହାଡ଼ା ପଡ଼ା ଠାରେ କେନାଲ ପାର୍ଶ୍ୱ ରାସ୍ତା ଦବି ଯିବାରୁ ହାଇୱାଟି କେନାଲ ଭିତରକୁ ଓଲଟି ପଡ଼ିଥିଲା।

ଧର୍ମଶାଳାରେ ବିଧାୟକଙ୍କ ଦ୍ୱାରା ୧୨୦୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ

ଚଣ୍ଡିଖୋଲ, ୧୨/୧୧ (ନି.ପ୍ର): ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ୧୧ ନମ୍ବର ଜୋନର ୯ଟି ଗ୍ରାମପଞ୍ଚାୟତର ୧୨୦୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ଅବସରରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଧର୍ମଶାଳାର ମାନ୍ୟବର ବିଧାୟକ ଶ୍ରୀ ହିମାଂଶୁ ଶେଖର ସାହୁ ଯୋଗଦେଇ ହିତାଧିକାରୀମାନଙ୍କୁ ଭତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ସାହୁ ହିତାଧିକାରୀମାନଙ୍କ ସହ ଭାବ



ବିନିମୟ କରିବା ସହ ସେମାନଙ୍କ ସୁଖଦୁଃଖରେ ସାମିଲ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଧର୍ମଶାଳା ବିଡିଓ ଜ୍ୟୋତିର୍ମୟୀ କର, ବ୍ଲକ ଅଧକ୍ଷା ଶ୍ରୀମତୀ ଶୁଚିସ୍ମିତା ଦାସ, ଉପାଧକ୍ଷା ଶ୍ରୀମତୀ ବିଶ୍ୱବିଜୟିନୀ ମିଶ୍ର, ମଣ୍ଡଳ ପ୍ରଭାରୀ ରାଜେଶ କୁମାର ପାଳ, ମଣ୍ଡଳ ସଭାପତି ନେତ୍ରାନନ୍ଦ ପାତ୍ର, ଅଭିଷେକ ରାଉତ ଏବଂ ଘନଶ୍ୟାମ ପାତ୍ରଙ୍କ ସମେତ ଅନ୍ୟାନ୍ୟ ଜନପ୍ରତିନିଧି ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସାମାଜିକ ସୁରକ୍ଷା ଭତ୍ତା ମାଧ୍ୟମରେ ବରିଷ୍ଠ ନାଗରିକ, ବିଧବା ଓ ଦିବ୍ୟାଙ୍ଗଙ୍କୁ ସହାୟତା ପ୍ରଦାନ କରିବା ସହ ସେମାନଙ୍କୁ ଆର୍ଥିକ ସୁରକ୍ଷା ଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ହିତାଧିକାରୀମାନଙ୍କ ମୁହଁରେ ହସ ଫୁଟାଇବା ଏବଂ ସରକାରୀ ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚାଇବା ଦିଗରେ ଏଭଳି ପଦକ୍ଷେପ ଏକ ଉଲ୍ଲେଖନୀୟ ପ୍ରୟାସ।

୧୪୭ ଗ୍ରାମ ହେରୋଇନ୍ ଜବତ : ଜଣେ ଗିରଫ

କଟକ,୧୨।୧୧ (ନି.ପ୍ର) : ଅବକାରୀ ଅଧୀକ୍ଷକ ଶ୍ରୀ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ କଟକ ଜିଲ୍ଲା ଅବକାରୀ ମୋବାଇଲ୍ ୟୁନିଟ୍ ପକ୍ଷରୁ ଚଢ଼ାଉ କରାଯାଇ ୧୪୭ ଗ୍ରାମ ହେରୋଇନ୍ ? (ଡାଏସେଟାଇଲ୍ ମର୍ଫିନ୍) ଜବତ କରାଯିବା ସହ ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ



କରାଯାଇଛି। ସୂଚନା ଅନୁଯାୟୀ, ଆଜି କଟକ ସଦର ଥାନା ଅନ୍ତର୍ଗତ କାଜିପାଟଣା ରାସ୍ତା, କୁଆଖାଇ ପୋଲ ନିକଟରେ ଅବକାରୀ ମୋବାଇଲ୍ ୟୁନିଟ୍ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ଚନ୍ଦନ ରାଉତ (୨୦) ନାମକ ଜଣେ ଯୁବକଙ୍କୁ ଗିରଫ କରାଯାଇ ତାଙ୍କ ନିକଟରୁ ୧୪୭ ଗ୍ରାମ ହେରୋଇନ୍, ଗୋଟିଏ ଇଲେକ୍ଟ୍ରିକ୍ ସ୍କୁଟି ଏବଂ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ୯୦ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଅବକାରୀ ମୋବାଇଲ୍ ୟୁନିଟ୍ ?ର ଇନ୍ସପେକ୍ଟର ଶ୍ରୀ ଭକ୍ତବତ୍ସଳ ବର୍ମାଙ୍କ ନେତୃତ୍ୱରେ ଏସ୍ ?ଆଇ ଶ୍ରୀ ନିରୁପମା ସାହୁ, ଏଏସ୍ଆଇ ଶ୍ରୀ ହରିହର ନାଏକ ଏବଂ ଅବକାରୀ କନଷ୍ଟେବଳ ଏହି ଚଢ଼ାଉରେ ସାମିଲ ଥିଲେ ।

ଲକ୍ଷ୍ମୀସାଗର ଥାନା ଅଧିକାରିଣୀଙ୍କ ସଫଳତା ପାଇଁ ସାଧାରଣରେ ପ୍ରଶଂସନୀୟ

ଭୁବନେଶ୍ୱର, ୧୨।୧୧ (ନି.ପ୍ର): ଗତ ୦୪ ନଭେମ୍ବର ୨୦୨୬ ଦିନ ପ୍ରାୟ ୧୨:୪୫ ମିନିଟ୍ ସମୟରେ, ଶ୍ରୀ ସମରେନ୍ଦ୍ର ମହାପାତ୍ର ଲକ୍ଷ୍ମୀସାଗର ପୁଲିସ ଷ୍ଟେସନରେ ହାଜର ହୋଇ ଏକ ଲିଖିତ ଅଭିଯୋଗ କରିଥିଲେ । ଶ୍ରୀ ମହାପାତ୍ରଙ୍କ ଲିଖିତ ସୂଚନା ଥିଲା, ତାଙ୍କ ଶାଶୁ ଶ୍ରୀମତୀ କୁଞ୍ଜଲତା ନନ୍ଦ (୭୬), ଲକ୍ଷ୍ମୀସାଗର ଥାନା ଅଧିନସ୍ଥ, ଭୁବନେଶ୍ୱରର ହୋଟେଲ ଉପାସନା ଲେନ୍, ଫ୍ଲାଟ ନଂ. ୧୬/୯ ସ୍ଥିତ ନିଜ ବାସଭବନରେ ଏକାକୀ ରହୁଥିଲେ । ତାଙ୍କର ଦେଖାଶୁଣା କରିବା ପାଇଁ ମଞ୍ଜୁଲତା ଖୋର୍ଦ୍ଧା ଟାଙ୍ଗୀ ଅଞ୍ଚଳର ବଳଭଦ୍ର ମହାରାଣା ନାମକ ଜଣେ ଲୋକକୁ ସେବାକାରି ଭାବେ ରଖିଥିଲେ । ବଳଭଦ୍ର ମହାରଣା ତାଙ୍କ ସହିତ ରହୁଥିଲେ । ?୦୪ ନଭେମ୍ବର ୨୦୨୬ ତାରିଖ ସକାଳେ, ସୂଚନାଦାତା ଶ୍ରୀ ମହାପାତ୍ରଙ୍କ ପତ୍ନୀ ଶ୍ରୀମତୀ ସମାହିତା ନନ୍ଦ ସେହି ପରିସରରେ ରହୁଥିବା ଭଡ଼ାଟିଆ ମାନଙ୍କଠାରୁ ଏକ ଫୋନ୍ କଲ୍ ପାଇଥିଲେ, ଯେଉଁଥିରେ ସେମାନେ ଜଣାଇଥିଲେ ଯେ ଶ୍ରୀମତୀ କୁଞ୍ଜଲତା ନନ୍ଦ ସେମାନଙ୍କ ଫୋନ୍ ?ର କୌଣସି ଉତ୍ତର ଦେଉନାହାଁନ୍ତି ଏବଂ ତାଙ୍କ କୋଠରୀ ଦ୍ୱାର ଭିତର



ପଟୁ ବନ୍ଦ ଥିଲା । କିଛି ଅଘଟଣ ଘଟିଥିବା ସନ୍ଦେହ କରି ଶ୍ରୀମତୀ ନନ୍ଦଙ୍କୁ ଘରକୁ ଆସିବାକୁ ଅନୁରୋଧ କରିଥିଲେ । ଭଡାଟିଆଙ୍କ ସୂଚନା ଅନୁଯାୟୀ, ଶ୍ରୀ ମହାପାତ୍ର ଏବଂ ତାଙ୍କ ପତ୍ନୀ ପ୍ରାୟ ସକାଳ ୦୮:୦୦ ଟା ସମୟରେ ଘଟଣାସ୍ଥଳରେ ପହଞ୍ଚିଥିଲେ । ଘଟଣାର ଅନୁଧ୍ୟାନକରି ଶ୍ରୀ ମହାପାତ୍ର ପୁଲିସ ଫିଆରକୁ ଜଣାଇଥିଲେ । ପୁଲିସ କର୍ମଚାରୀମାନେ ପହଞ୍ଚିବା ପରେ ସେମାନଙ୍କ ଉପସ୍ଥିତିରେ ଗ୍ରିଲ୍ କବାଟକୁ ଜୋର୍? ଜବରଦସ୍ତ ଖୋଲା ଯାଇଥିଲେ । ଘର ଭିତରକୁ ପ୍ରବେଶ କରିବା ପରେ ଦେଖିଲେ, ଶ୍ରୀମତୀ କୁଞ୍ଜଲତା ନନ୍ଦ ଡାଇନିଂ ଟେବୁଲ୍ ପାଖରେ ଅସହ୍ୟ ମାଡ଼ ଓ ଆକ୍ରମଣର ଚିହ୍ନ ସହିତ ପଡ଼ିଥିବା ଦେଖିବାକୁ ପାଇଥିଲେ । ପୋଲିସ ସହଯୋଗରେ, ଭୁବନେଶ୍ୱର ସ୍ଥିତ କ୍ୟାପିଟାଲ୍ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା, ମେଡିକାଲରେ ଚିକିତ୍ସାଧୀନ ଥିବା ମେଡିକାଲ ଅଫିସର ତାଙ୍କୁ ମୃତ ଘୋଷଣା କରିଥିଲେ । ରିପୋର୍ଟକୁ ଆଧାର କରି, ଲକ୍ଷ୍ମୀସାଗର ଥାନା କେସ୍ ନଂ. ୭୭୭, ତାରିଖ ୦୪ ନଭେମ୍ବର ୨୦୨୬, ବି.ଏନ୍.ଏସ୍ ର ଧାରା ୩୧୧ ଅନୁଯାୟୀ ପଞ୍ଜୀକୃତ କରି ତଦନ୍ତ ଆରମ୍ଭ କରାଯାଇଛି । ଅଭିଯୁକ୍ତକୁ ଖୋଜି ବାହାର କରିବା ପାଇଁ ଏକାଧିକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା । ?ଅଭିଯୁକ୍ତ ଜଣିଶୁଣି ଫେରାର ହୋଇଯାଉଥିଲା ଏବଂ ବାଗୟାର ନିଜର ଠିକଣା ବଦଳାଇ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ପଳାଉଥିଲା । ଏପର୍ଯ୍ୟନ୍ତ ମିଳିଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତ ଏହି ସମୟ ମଧ୍ୟରେ କୋଲକାତା, ରାୟପୁର, ପାନିପତ, ସୁରତ ଏବଂ ଅନ୍ୟାନ୍ୟ ସହର ଗୁଡିକରେ ଘୁରିବୁଲୁଥିବା ଜଣା ଯାଉଛି । ଲକ୍ଷ୍ମୀସାଗର ଥାନାର ଏସ୍.ଆଇ. ଶ୍ରୀମତୀ ସୁଭସ୍ମିତା ମୁଦୁଲିଙ୍କ ନେତୃତ୍ୱରେ ଏକ ଟିମ୍ ପ୍ରଥମେ ଅହମଦାବାଦରେ ପହଞ୍ଚିଥିଲା ଏବଂ କାର୍ଯ୍ୟକାରୀ ସୂଚନା ହାସଲ କରିବା ପରେ ଅହମଦାବାଦରୁ ସୁରତ ଯାଇଥିଲା । ଗୁଜରାଟ ପୋଲିସର ସହାୟତାରେ, ଏହି ଟିମ୍ ଶେଷରେ ଅଭିଯୁକ୍ତକୁ ଗୁଜରାଟର ଭଦୋଦରା ଜିଲ୍ଲାରୁ ଧରିଥିଲେ, ଯେତେବେଳେ ସେ ଏକ ବସ ଯୋଗେ ଦିଲ୍ଲୀ ଆଡକୁ ଯାଉଥିଲା, ପୋଲିସ ଟିମ୍ ଅଭିଯୁକ୍ତକୁ ଆରେଷ୍ଟ କରିଥିଲେ । ଅଭିଯୁକ୍ତ ନିକଟରୁ ମିଳିଛି, ୧. ୨୦,୬୦୦/- ଟଙ୍କା ନଗଦ, ଦୁଇଟି ମୋବାଇଲ୍ ଫୋନ୍, ?ଗୋଟିଏ ଏୟାରଟେଲ୍ ସିମ୍ କାର୍ଡ, ଗୋଟିଏ ସୁନା ଲକେଟ୍, ଗୋଟିଏ ସୁନା ମୁଦି ଏକ ଯୋଡ଼ା କାନଫୁଲ ଗୋଟିଏ ଛୋଟ ଡାଏରୀ ଏବଂ ଅନ୍ୟାନ ଜାଗଜପତ୍ର ।

ହୁଲିପୁର ବାଲି ଘାଟରେ ବାଲି ମାଫିଆ ସକ୍ରିୟ



କିଶୋରନଗର, ୧୨।୧୧ (ନି.ପ୍ର): କଟକ ସଦର ବ୍ଲକ କିଶୋରନଗର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ହୁଲିପୁର ବାଲିଘାଟରୁ ବାଲି ଚୋରା ଚାଲାଣ ଚାଲିଛି । ମହାନଦୀର ପଠାକୁ ଡାଡି ବାଲି ଚାଲାଣ ହେଉଛି ଯାହାକୁ ବିରୋଦ୍ଧ କରି ସାଧାରଣ ଜନତା ପ୍ରଶାସନର ଦୃଷ୍ଟିକୁ ଆଣିଛନ୍ତି କିନ୍ତୁ ଫଳଶୂନ୍ୟ। କିଛି ମୁଷ୍ଟିମେୟ ବ୍ୟକ୍ତି ଏଥିରେ ସମ୍ପୃକ୍ତି ଥିବା ସାଧାରଣରେ ଆଲୋଚନା ହେଉଛି । ପଟ୍ଟନାୟକଙ୍କ ଗ୍ରାକଟର ଏହି ଘାଟରୁ ରାତିରେ ବାଲି ଚୋରା ଚାଲାଣ କରୁଛି । ପ୍ରଶାସନ ଏହାକୁ ଗମ୍ଭୀରତା ସହିତ ବିଚାର କରି ଏଭଳି ଚୋରା ଚାଲାଣ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଞ୍ଚଳ ବାସିଙ୍କ ଦାବି ।

କେନ୍ଦ୍ରୀୟ ସମନ୍ୱିତ ରୋଗପୋକ ପରିଚାଳନା କେନ

dishamanthan.com RNI No. ORIORI/20

ପୂର୍ବତଟ ରେଳପଥର ୧୦ ସ୍ଥାନରେ ଆଧୁନିକ ପାର୍ସଲ୍ ସ୍କାନର ମେସିନ୍ କାର୍ଯ୍ୟକ୍ଷମ

ଭୁବନେଶ୍ୱର,୧୨।୧୧(ନି.ପ୍ର.): ରେଳପଥ ମାଧ୍ୟମରେ ପାର୍ସଲ୍ ପରିବହନକୁ ଅଧିକ ସୁରକ୍ଷିତ କରିବା ସହ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ପୂର୍ବ ତଟ ରେଳପଥ ଏହାର ତିନୋଟି ମଣ୍ଡଳ ଅନ୍ତର୍ଗତ ୧୦ଟି ପ୍ରମୁଖ ପାର୍ସଲ୍ କାର୍ଯ୍ୟାଳୟରେ ଆଧୁନିକ ପାର୍ସଲ୍ ସ୍କାନର ମେସିନ୍ ସ୍ଥାପନ କରି କାର୍ଯ୍ୟକ୍ଷମ କରିଛି। ଏଥିମଧ୍ୟରୁ ଖୋର୍ଦ୍ଧା ରୋଡ୍ ମଣ୍ଡଳର ୫ଟି ସ୍ଥାନ, ସମ୍ବଲପୁର ମଣ୍ଡଳର ୪ଟି ସ୍ଥାନ ଏବଂ ରାୟଗଡ଼ା ମଣ୍ଡଳର ଗୋଟିଏ ସ୍ଥାନରେ ଏହି ସ୍କାନିଂ ସୁବିଧା ଉପଲବ୍ଧ ହୋଇଛି।

ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅନ୍ତର୍ଗତ ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧା ରୋଡ୍, କଟକ ଓ ବ୍ରହ୍ମପୁର ଠାରେ ଏହି ପାର୍ସଲ୍ ସ୍କାନର ମେସିନ୍ କାର୍ଯ୍ୟକ୍ଷମ ହୋଇଛି। ସେହିପରି ସମ୍ବଲପୁର ମଣ୍ଡଳ ଅନ୍ତର୍ଗତ ସମ୍ବଲପୁର, ଟିଟିଲାଗଡ଼, ବଲାଙ୍ଗୀର ଓ କଣ୍ଟାବାଞ୍ଜି ଠାରେ ଏହି ସୁବିଧା ଆରମ୍ଭ ହୋଇଥିବାବେଳେ ରାୟଗଡ଼ା ମଣ୍ଡଳ ଅନ୍ତର୍ଗତ ରାୟଗଡ଼ା ଷ୍ଟେସନ ଠାରେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇଛି।

ଏହାବ୍ୟତୀତ ସମ୍ବଲପୁର ମଣ୍ଡଳ ଅନ୍ତର୍ଗତ କେସିଙ୍ଗା ଓ ବରଗଡ଼ ରୋଡ୍ ଷ୍ଟେସନରେ ପାର୍ସଲ୍ ସ୍କାନର ମେସିନ୍ ସ୍ଥାପନ କାର୍ଯ୍ୟ ଜାରି ରହିଛି।

ଏହି ଆଧୁନିକ ପାର୍ସଲ୍ ସ୍କାନର ମେସିନ୍‌ଗୁଡ଼ିକ ହେଉଛି ଉନ୍ନତ ସୁରକ୍ଷା ଯାଞ୍ଚ ବ୍ୟବସ୍ଥା, ଯାହା ଟ୍ରେନ୍‌ରେ ଲୋଡ୍ କରିବା ପୂର୍ବରୁ



ବୁକ୍ କରାଯାଇଥିବା ପାର୍ସଲ୍ ଓ ପ୍ୟାକେଟ୍ ଗୁଡ଼ିକର ଯାଞ୍ଚ କରିବାରେ ସହାୟକ ହେବ। ଏହା ମାଧ୍ୟମରେ ଜ୍ୱଳନଶୀଳ ଓ ଅଗ୍ନି ବିପଦ ସୃଷ୍ଟିକାରୀ ସାମଗ୍ରୀ, ବାଣ, ବିସ୍ଫୋରକ, ବିନା ଅନୁମତିରେ ପରିବହନ କରାଯାଉଥିବା ସାମଗ୍ରୀ ଏବଂ ଅନ୍ୟାନ୍ୟ ନିଷିଦ୍ଧ ସାମଗ୍ରୀ ଚିହ୍ନଟ କରିବା ସମ୍ଭବ ହେବ। ଏହାଦ୍ୱାରା ରେଳପଥର ପାର୍ସଲ୍ ପରିବହନ ବ୍ୟବସ୍ଥାରେ ସୁରକ୍ଷା ଆହୁରି ସୁଦୃଢ଼ ହେବ।

ଏହି ସ୍କାନିଂ ସୁବିଧାର ପ୍ରଚଳନ ଦ୍ୱାରା ରେଳ ନେଟୱର୍କ ମାଧ୍ୟମରେ ବିପଜ୍ଜନକ ଓ ନିଷିଦ୍ଧ ସାମଗ୍ରୀ ପରିବହନକୁ ରୋକାଯାଇପାରିବ। ଏଥିସହ ବୁକ୍ ହୋଇଥିବା ପାର୍ସଲ୍‌ଗୁଡ଼ିକର ଉପଯୁକ୍ତ ଯାଞ୍ଚ, ସୁରକ୍ଷା ଯାଞ୍ଚ ବ୍ୟବସ୍ଥାରେ ଉନ୍ନତି ଏବଂ ଅଧିକ ସୁରକ୍ଷିତ ପାର୍ସଲ୍ ପରିଚାଳନା ସୁନିଶ୍ଚିତ କରିବାରେ ଏହା ରେଳ କର୍ମଚାରୀମାନଙ୍କୁ ସହାୟତା କରିବ।

ଆଧୁନିକ ଜ୍ଞାନକୌଶଳର ଉପଯୋଗ ଏବଂ ରେଳବାଇର ବାଣିଜ୍ୟିକ କାର୍ଯ୍ୟକଳାପରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଦିଗରେ ଏହି ପଦକ୍ଷେପ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

'ଅସ୍ମିତା ଖେଲୋ ଇଣ୍ଡିଆ' ଓ ଜିଲ୍ଲା ଉଶୁ ଚାମ୍ପିଅନସିପ୍ ଅନୁଷ୍ଠିତ



ଅନୁଗୋଳ : ରାଜ୍ୟ ଉଶୁ ଆସୋସିଏସନ୍, ଜିଲ୍ଲା ଉଶୁ ଆସୋସିଏସନ୍ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମଠାରେ 'ଅସ୍ମିତା ଖେଲୋ ଇଣ୍ଡିଆ' ଓ ଜିଲ୍ଲା ଉଶୁ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାନ୍ୟବର ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅପରାହ୍ନରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ମାନ୍ୟବର ପାଲଲହଡ଼ା ବିଧାୟକ ଶ୍ରୀ ଅଶୋକ ମହାନ୍ତି ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରି ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉଶୁ ଆସୋସିଏସନ୍‌ର ଟେକ୍‌ନିକାଲ ଡାଇରେକ୍ଟର ତଥା ଆନ୍ତର୍ଜାତୀୟ ଜଜ୍ ଶ୍ରୀ ପ୍ରଦ୍ୟୁମ୍ନ ବେହେରା ଏବଂ ପୂର୍ବତନ ନଗରପାଳ ଶ୍ରୀ ଭକ୍ତି ପ୍ରସାଦ ଦାସ, ଉଶୁ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ତଥା ଆନ୍ତର୍ଜାତୀୟ ଜଜ୍ ଶ୍ରୀ ସୁଶାନ୍ତ ନାଏକ, ଜିଲ୍ଲା ଉଶୁ ଆସୋସିଏସନ୍‌ର କାର୍ଯ୍ୟକାରୀ ସଭାପତି ଶ୍ରୀ ଦିନେଶ ପ୍ରଧାନ, ଉପସଭାପତି ଶ୍ରୀ ରାଜେଶ ମିଶ୍ର, ଉପଦେଷ୍ଟା ଶ୍ରୀ ଦୁଷ୍ମନ୍ତ ସାହୁ ଓ ଶ୍ରୀ ଦୋଳଗୋବିନ୍ଦ ଦଳବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ଅକ୍ଷୟ କୁମାର ସିଠ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶ୍ରୀ ତପନ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

ପାର୍କର ପୁନରୁଦ୍ଧାର ପାଇଁ ପୌର ଅଧିକାରୀଙ୍କ ସହ ସାକ୍ଷାତ କଲା ଜିଲ୍ଲା ସିଭିଲ ସୋସାଇଟି

ବଲାଙ୍ଗୀର,୧୨।୧୧(ନି.ପ୍ର.): ଆଜିକାଲିର ବ୍ୟସ୍ତ ବହୁଳ ଦୁନିଆ ରେ ଚିନ୍ତା ମୁକ୍ତ ହେବା ପାଇଁ ବିଶେଷ କରି ଶିଶୁ, ମହିଳା ଓ ବରିଷ୍ଠ ନାଗରିକ ପାଇଁ ଉଦ୍ଦିଷ୍ଟ ବଲାଙ୍ଗୀର ର ସମସ୍ତ ପାର୍କ ଗୁଡିକର ସୁରକ୍ଷା ଓ ପୁନଃରୁଦ୍ଧାର ପାଇଁ ବଲାଙ୍ଗିର ଜିଲ୍ଲା ସିଭିଲ ସୋସାଇଟିର ଏକ ପ୍ରତିନିଧି ମଣ୍ଡଳୀ ସ୍ଥାନୀୟ ପୌରାଧକ୍ଷ୍ୟା ଶ୍ରମତି ଲିକା ସାହୁ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ବେହେରାଙ୍କ ସହ ପୃଥକ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଛନ୍ତି । ନିକଟସ୍ଥ ରାଜେନ୍ଦ୍ର ପାର୍କ ରେ ବୁଲା କୁକୁର ମାନଙ୍କ ଆଡ୍ଡା ସ୍ଥଳୀ ପାଲଟି କେତେଜଣଙ୍କୁ କାମୁଡିବା ସହ ଅପରିଷ୍କାର କରିବା, ଯୋଗ ପେଣ୍ଡାଲର ମରାମତି,ବ୍ୟାୟାମ ଉପକରଣ ଓ ଆଲୋକ ବ୍ୟବସ୍ଥାର ପୁନଃରୁଦ୍ଧାର ବିଷୟ ରେ ଆଲୋଚନା ହୋଇଥିଲା । ପୌରା ଧକ୍ଷ୍ୟା ଶ୍ରୀମତୀ ସାହୁ ସିଭିଲ



ସୋସାଇଟି ର ସମସ୍ତ ଦାବି କୁ ଗୁରୁତ୍ୱର ସହ ହାତକୁ ନେବ ବୋଲି କହିଥିବାବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ବେହେରା ଉପରୋକ୍ତ ସମସ୍ତ ଦାବି ଶୀଘ୍ର ପୂରଣ କରିବା ସହ ସହର ରେ ଥିବା ଛୋଟ ବଡ ଦଶଟି ପାର୍କ ର ଉନ୍ନତି କରଣ ପାଇଁ ଏକ କୋଟି ଟଙ୍କା ବ୍ୟୟ କରାଯିବା ବୋଲି ପ୍ରତିଶୃତି ଦେଇଥିଲେ । ସିଭିଲ ସୋସାଇଟି ର ଆବାହକ ଇଂ ବେଲାରସିଂ ଭୋଇ ଓ ସଂଯୋଜକ ମନୋରଞ୍ଜନ ସାହୁ ଙ୍କ ନେତୃତ୍ୱରେ ଜ୍ଞାନରଞ୍ଜନ ପଟନାୟକ, ଇଂ ଲଳିନ୍ଦ୍ର ବେହେରା, ଦୁର୍ବାଦଳ ମହାକୁଡ଼, କିଶୋର ରଥ, ପୀତବାସ ପଣ୍ଡା ଓ ରଘୁନନ୍ଦନ ସିଂ ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ ।

ପଥର କୁଆଁରୀ ଓ କ୍ରସରକୁ ନେଇ ବଢୁଛି ଅସନ୍ତୋଷ

ଛତ୍ରପୁର, ୧୨।୧୧(ନି.ପ୍ର.): ଗଞ୍ଜାମ ଜିଲ୍ଲା ଛତ୍ରପୁର ତହସିଲ ଅନ୍ତର୍ଗତ ସୁନ୍ଦରପୁର ଗ୍ରାମ ପଞ୍ଚାୟତ ଅଞ୍ଚଳରେ ପଥର କୁଆଁରୀ ଓ କ୍ରସରକୁ ନେଇ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଉଛି। ପରିବେଶ ପ୍ରଦୂଷଣ, ଚାଷଜମିର କ୍ଷତି, ଜନବସତି ପ୍ରତି ବିପଦ ଏବଂ ସରକାରୀ ଜମି ଜବରଦଖଲ ଭଳି ସଙ୍ଗିନ ଅଭିଯୋଗ ଆଣି କ୍ରସର ଓ ପଥର କୁଆଁରୀର ଅନୁମତି ବାତିଲ୍ ସହ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି ଅଞ୍ଚଳବାସୀ। ଏନେଇ ଗୁରୁବାର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ସେମାନେ କ୍ଷ ପ୍ରାୟ ଦୁଇ ବର୍ଷ ଧରି ଏହି ଅଞ୍ଚଳରେ କ୍ରସର ଓ କୁଆଁରୀ କାର୍ଯ୍ୟକୁ ନେଇ ସମସ୍ୟା ଲାଗି ରହିଛି। ଏ ସମ୍ପର୍କରେ ସୁନ୍ଦରପୁର ଗ୍ରାମ ପଞ୍ଚାୟତ ପକ୍ଷରୁ ବହୁବାର ଅଭିଯୋଗ କରାଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ନିଆଯାଇନଥିବା ଅଞ୍ଚଳ ବାସି ମାନେ ଅଭିଯୋଗ କରିଛନ୍ତି । ପୂର୍ବରୁ ନିର୍ଦ୍ଧାରିତ ମାନଦଣ୍ଡ ପୂରଣ ନକରିବା ଅଭିଯୋଗରେ ଏକ ପଥର କ୍ରସର ପ୍ରକଳ୍ପକୁ ଅନୁମତି ମିଳିନଥିବା ବେଳେ ସେହି ସ୍ଥାନରେ ଏସ୍‌ଡିଆର୍ କ୍ରସରକୁ କିପରି ଅନୁମତି ମିଳିଲା, ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

କ୍ରସରଟି ଶିକ୍ଷାନୁଷ୍ଠାନ ଓ ଜନବସତିଠାରୁ ନିୟମ ଅନୁଯାୟୀ ଦୂରତାରେ ରହିଛି କି ନାହିଁ, ଏହାଦ୍ୱାରା ଚାଷଜମି ଓ ଜଳସେଚନ ବ୍ୟବସ୍ଥା ପ୍ରଭାବିତ ହେଉଛି କି ନାହିଁ, ତାହାର ଯାଞ୍ଚ ଦାବି ହୋଇଛି। ସେହିପରି ପିଉସୁଡି ରାସ୍ତା ଓ କ୍ରସର ମଧ୍ୟରେ ଥିବା ଜଳସେଚନ କେନାଲର ସୁରକ୍ଷା ସହ ରାସ୍ତାଠାରୁ ଆବଶ୍ୟକ ଦୂରତା ରକ୍ଷା କରାଯାଇଛି କି ନାହିଁ, ତାହା ମଧ୍ୟ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି ହୋଇଛି। ଖାଲି ସେତିକି ନୁହଁ ସରକାରୀ ଜମି ଜବରଦଖଲ, ଅନୁମତିପ୍ରାପ୍ତ ଅଞ୍ଚଳକୁ ଘେରି ବେଆଇନ ପାଚେରି ନିର୍ମାଣ ଏବଂ ବ୍ୟକ୍ତିଗତ ଘର ତିଆରି ହୋଇଥିବା ଅଭିଯୋଗ କରିଛନ୍ତି। ଏହାର ସରଜମିନ ତଦନ୍ତ କରି ଜମିର ପ୍ରକୃତ ସ୍ଥିତି ଓ ନିର୍ମାଣର ବୈଧତା ଯାଞ୍ଚ କରିବାକୁ ସେମାନେ ଦାବି ଜଣାଇଛନ୍ତି। ଏହି ଦାବୀ ପତ୍ର ପ୍ରଦାନ ବେଳେ ସୁନ୍ଦରପୁର ସରପଞ୍ଚ ଗଗନ କୁମାର ବେହେରା, ଅର୍ଜୁନ ବେହେରା ଓ ପ୍ରସନ୍ନ କୁମାର ବିଶୋୟୀ ଙ୍କ ସମେତ ବହୁ ଅଂଚଳବାସୀ ଉପସ୍ଥିତ ଥିଲେ ।



ଅବକାରୀ ବିଭାଗକୁ ବଡ ସଫଳତା, ମୋଷ୍ଟ ୱାଣ୍ଟେଡ୍ ସୂର୍ଯ୍ୟ ଗିରଫ

ଜଗତସିଂହପୁର,୧୨।୧୧(ନି.ପ୍ର.): ବିରିଡି ଥାନା ସରାଇକଣା ଗ୍ରାମରୁ ଜଣେ ନିଶା ମାଫିଆଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥା। ଯାଞ୍ଚ ପରେ ତାଙ୍କ ପାଖରୁ ୧୦୩ ଗ୍ରାମର ହେରୋଇନ୍, ନଗଦ ୪୧,୧୦୦- ଟଙ୍କା ଏବଂ ଏକ ଟି ଭି ଏସ୍ ରାଇଡର ମୋଟରସାଇକେଲ (ନଂ- ଓଡ଼ି-୨୧-ପି-୫୭୭୦) ଜବତ କରାଯାଇଛି।

ସୂଚନାଯୋଗ୍ୟ ଯେ ବିରିଡି ଥାନା ସରାଇକଣା ଗ୍ରାମର ଜେନାମଣି ସୂର୍ଯ୍ୟମାଧବ କେଶରୀ ବଳବନ୍ତରାୟ ଅ ସୂର୍ଯ୍ୟ ଜଣେ ପେଶାଦାର ବ୍ରାଉନସୁଗାର ବେପାରୀ ହୋଇଥିବାବେଳେ ଦୀର୍ଘ ଦିନ ଧରି ସରାଇକଣା ଅଞ୍ଚଳରେ ହେରୋଇନ୍ ବେପାର କରୁଥିବା ବେଳେ ସେ ଅବକାରୀ ବିଭାଗ ର ସ୍କାନରରେ ଥିଲା। ସବୁଥର ଭଳି ଅବକାରୀ ବିଭାଗକୁ ଚକମା ଦେଇ ଖସିଯାଉଥିବାବେଳେ ଅନେକ କସରତ୍ ପରେ ଆଜି କିନ୍ତୁ ତାଙ୍କୁ ଅବକାରୀ ବିଭାଗ କାବୁ କରିନେଇଥିଲା। ଏକ ଗୁଇନ୍ଦା ଖବର କୁ ଭିତ୍ତି କରି ପ୍ରାଶାନ୍ତ ଙ୍କ ସର୍ମ୍ବକରେ ତଥ୍ୟ ବାହାର କରିଥିଲେ ସବ୍-ଇନ୍‌ସପେକ୍ଟର ଭାଗ୍ୟଲକ୍ଷ୍ମୀ ଦଳାଇ। ଗ୍ରାହକଙ୍କୁ ବିକ୍ରି କରିବା



ଉଦ୍ଦେଶ୍ୟ ରେ ସେ ଆଜି ହେରୋଇନ ରଖିଥିବାର ସୂଚନା ପାଇବା ପରେ ସକାଳ ସମୟରେ ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ସବ୍-ଇନ୍‌ସପେକ୍ଟର ଭାଗ୍ୟଲକ୍ଷ୍ମୀ ଦଳାଇ, ଏ ଏସ୍ ଆଇ କ୍ଷୀରୋଦ କୁମାର ସାହୁ, କନଷ୍ଟେବଳ ବିଶ୍ୱନାଥ ମୁଣ୍ଡା, ଶୁଭଶ୍ରୀ ବିଶ୍ୱାଳ, ସୁକାନ୍ତ ମାଝୀ, ବିଶ୍ୱରଞ୍ଜନ ସ୍ୱାଇଁ, ଙ୍କୁ ନେଇ ଏକ ଟିମ ଗଠନ ହୋଇଥିଲା ଯାହାର ନେତୃତ୍ୱ ନେଇଥିଲେ ଇନ୍‌ସପେକ୍ଟର ପ୍ରଭାସ କୁମାର ଚୌଧୁରୀ। ସରାଇକଣା ଗ୍ରାମର ରାଧାକୃଷ୍ଣ ମନ୍ଦିର ଠାରେ ଆଜି ସେ ଗ୍ରାହକଙ୍କୁ ହେରୋଇନ ବିକ୍ରି କରିବାପାଇଁ ଅପେକ୍ଷା କରିଥିବାବେଳେ ଗ୍ରାହକ ବେଶରେ ଛଦ୍ମବେଶରେ ଥିବା ଅବକାରୀ ବିଭାଗର କର୍ମଚାରୀମାନେ ଅଭିଯୁକ୍ତଙ୍କୁ କାବୁ କରିନେଇଥିଲେ। ଗିରଫ ଅଭିଯୁକ୍ତ ଜଣକ ହେଲେ ସରାଇକଣା ଗ୍ରାମର ସୁକାନ୍ତ କେଶରୀ ବଳବନ୍ତରାୟଙ୍କ ପୁଅ ସୂର୍ଯ୍ୟମାଧବ କେଶରୀ ବଳବନ୍ତରାୟ (୩୭)। ମୋଟରସାଇକେଲ ସହ ଜବତ ସାମଗ୍ରୀର ଆନୁମାନିକ କଳାବଜାରୀ ମୂଲ୍ୟ ପ୍ରାୟ ୧୧ ଲକ୍ଷ ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଅଭିଯୁକ୍ତଙ୍କ ବିରୁଦ୍ଧରେ ଏନ୍ ଡି ପି ଏସ୍ ଆକ୍ଟ ୧୯୮୫ ଅନୁସାରେ ଜିଲ୍ଲା ଭ୍ରାମ୍ୟମାଣ ସଂସ୍ଥାର କେସ୍ ସଂଖ୍ୟା ୨୦୯୨୦୨୬-୨୭ ରେ ମାମଲା ରୁଜୁ କରାଯାଇ ଜିଲ୍ଲା ଟୌରାଜଜ ଜଗତସିଂହପୁରଙ୍କ ନିକଟରେ ହାଜର କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରି ୧୪ଦିନିଆ ବିଚାର ବିଭାଗୀୟ ହାଜତ୍ କୁ ପଠାଯାଇଛି। ଅଭିଯୁକ୍ତଙ୍କ ନାମରେ ପୂର୍ବ ରୁ ଅବକାରୀ ବିଭାଗରେ ବହୁ ମାମଲା ଥିବାର ଜଣା ପଡିଛି।

ସମଗ୍ର ରାଜ୍ୟରେ ଅବକାରୀ ବିଭାଗର ସ୍ୱତନ୍ତ୍ର ଡ୍ରାଇଭ ଚାଲିଥିବାବେଳେ ଜଗତସିଂହପୁର ଅଞ୍ଚଳରେ ସକ୍ରିୟ ନିଶା ବ୍ୟବସାୟୀଙ୍କୁ ଦମନ କରିବାକୁ ସ୍ୱତନ୍ତ୍ର ଅପରେସନ୍ ଚାଲିଥିବାର ପ୍ରକାଶ କରିଛନ୍ତି ଜଗତସିଂହପୁର ଅବକାରୀ ଅଧିକ୍ଷିକା ଶ୍ରୀମତି ଅନିତା ପ୍ରଧାନ ଓ ହେରୋଇନ ବେପାର ସହ ଜଡିତ ତଥା ସିଣ୍ଡିକେଟ ର ମାଷ୍ଟରମାଇଣ୍ଡ କୁ ଜେଲ୍ ରେ ପୁରାଇବାକୁ ଜଗତସିଂହପୁର ଅବକାରୀ ବିଭାଗ ଉଦ୍ୟମ ରତ ଥିବାର ସେ କହିଛନ୍ତି।

ସୁନ୍ଦରପୁରରେ ଗ୍ରାମାଞ୍ଚଳ କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର ଉଦଘାଟିତ



ଛତ୍ରପୁର,୧୨।୧୧(ନି.ପ୍ର.): ଆଜିକାଲିର ଆଧୁନିକ ଯୁଗରେ କମ୍ପ୍ୟୁଟର ଶିକ୍ଷାଦାନ ଆଉ ବିଶେଷ ଶିକ୍ଷା ହୋଇ ରହିନାହିଁ ବରଂ ଏହା ଚଳିତ ପୀଢୀର ଅତ୍ୟାବଶ୍ୟକୀୟ ଜରୁରୀ ପାଠ୍ୟକ୍ରମ ପାଲଟିଛି। ଏଭଳି ପରିସ୍ଥିତିରେ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କୁ ଏହି ଶିକ୍ଷା ପାଇବା ପାଇଁ ଆଉ ନିକଟତମ ସହରକୁ ଯିବା ଜରୁରୀ ନୁହେଁ ବରଂ ସେମାନଙ୍କୁ ସେମାନଙ୍କ ଘର ପାଖରେ ଏହି ଶିକ୍ଷା ମିଳିବା ଆବଶ୍ୟକ। ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ ଓକେସିଏଲ ର ଗଞ୍ଜାମ ଜିଲ୍ଲାର ମୁଖ୍ୟ କେନ୍ଦ୍ର ରେଖାସ୍ ଡିଜିଟାଲ ଏଜୁକେସନ ପକ୍ଷରୁ ଛତ୍ରପୁର ବ୍ଲକର ସୁନ୍ଦରପୁର ପଞ୍ଚାୟତରେ ଏକ କମ୍ପ୍ୟୁଟର ଶିକ୍ଷା କେନ୍ଦ୍ରର ଶୁଭାରମ୍ଭ କରାଯାଇଛି। ଓକେସିଏଲର ଗଞ୍ଜାମ ଜିଲ୍ଲା ମୁଖ୍ୟ ରେଖା ମହାନ୍ତି ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରପୁର ସରପଞ୍ଚ ଗଗନ ବେହେରା, ଭାଜପା ଜିଲ୍ଲା ସମ୍ପାଦକ ଏନ୍ ଦୁର୍ଯ୍ୟୋଧନ ରେଡ୍ଡୀ, ମଣ୍ଡଳ ସଭାପତି ସମ୍ପଦ ବେହେରା, ଅର୍ଜୁନ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଗଞ୍ଜାମ ଜିଲ୍ଲାର ଗ୍ରାମାଞ୍ଚଳରେ ଏଭଳି ଶିକ୍ଷାନୁଷ୍ଠାନର ଅଧିକରୁ ଅଧିକ ଆବଶ୍ୟକତା ରହିଛି ବୋଲି ଅତିଥି ମାନେ ଏହି ଅବସରରେ କହିବା ସହ ଏହି ପ୍ରୟାସର ସଫଳତା କାମନା କରିଥିଲେ।

ଲକ୍ଷ୍ମୀଯୋର ସଫେଇ ପାଇଁ ଜିଲ୍ଲାପାଳଙ୍କୁ କଂଗ୍ରେସ ର ଦାବିପତ୍ର

ବଲାଙ୍ଗିର,୧୨.୧୧ - ବଲାଙ୍ଗିର ସହର ର ମଧ୍ୟ ଭାଗର ଅବସ୍ଥିତ ଲକ୍ଷ୍ମୀଯୋର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରାକୃତିକ ଜଳଉତ୍ସ । ଏହାର ସୁରକ୍ଷା , ପୁନରୁଦ୍ଧାର ଓ ସୌଦର୍ଯ୍ୟକରଣ ପାଇଁ ଅତିତରେ ଅନେକ ଯୋଜନା ଓ ପରିକଳ୍ପନା ହାତକୁ ନିଆଯାଇଥିଲା । ବିଶେଷ କରି ୨୦୧୪ ମସିହା ପରେ ତତ୍କାଳିନ ବର୍ଲାଙ୍ଗିର ବିଧାୟକ ତଥା ରାଜ୍ୟ ବିଧାନ ସଭାର ତତ୍କାଳିତ ବିରୋଧି ଦଳ ଦଳ ନେତା ନରସିଂହ ମିଶ୍ରଙ୍କ ଉଦ୍ୟମ କ୍ରମେ ଲକ୍ଷ୍ମୀଯୋର ର ସୌଦର୍ଯ୍ୟକରଣ କାମ ଆରମ୍ଭ ହୋଇଥିଲା । କିନ୍ତୁ ଦୁର୍ଭାଗ୍ୟବଶତଃ ତତ୍କାଳିନ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ବିରୋଧ ଓ ବିଭିନ୍ନ ବାଧାବିଘ୍ନ କାରଣରୁ ଏହି ପ୍ରକଳ୍ପଟି ଅଧାପାନ୍ତରିଆ ଅବସ୍ଥାରେ ରହିଗଲା । ଆଜି ଲକ୍ଷ୍ମୀଯୋର ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ । ଏହାର ଜଳଶଯ୍ୟା ରେ ଟନ୍ ଟନ୍ ଅଳିଆ ଆବର୍ଜନା ଜମା ହୋଇ ଜଳ ଓ ପରିବେଶକୁ ଗୁରୁତର ଭାବେ ପ୍ରଦୂଷିତ କରୁଛି । ଏହା ଦ୍ୱାରା ଦୁର୍ଗନ୍ଧ, ମଶାମାଛିଙ୍କ ପ୍ରାଦୁର୍ଭାବ ଏବଂ ଜନସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହେବା ସହ ସହରର ପରିବେଶଗତ ଅନ୍ତୁଳନ ମଧ୍ୟ ବିପର୍ଯ୍ୟସ୍ତ ହେଉଛି ।

ସହରର ପରିମଳ ବ୍ୟବସ୍ଥା, ଜଳଉତ୍ସ ଗୁଡିକର ସୁରକ୍ଷା ଓ ସ୍ୱଚ୍ଛତା ବଜାୟ ରଖିବା ବଲାଙ୍ଗିର ପୌରପାଳିକାର ଏକ ପ୍ରମୁଖ ଦାୟିତ୍ୱ । କିନ୍ତୁ ଅତ୍ୟନ୍ତ ପରିତାପର ବିଷୟ ଯେ, ଯେଉଁ ପୌରପାଳିକା ସହରକୁ ସ୍ୱଚ୍ଛ ରଖିବାର ଦାୟିତ୍ୱ ବହନ କରୁଛି, ସେହି ପୌରପାଳିକା ପକ୍ଷରୁ ଲକ୍ଷ୍ମୀଯୋରର ଜଳଶଯ୍ୟାକୁ ଆବର୍ଜନା ପକାଇ ଲକ୍ଷ୍ମୀଯୋର କୁ ଦୂଷିତ କରୁଅଛି । ଏହି ସମସ୍ୟାର ସମାଧାନ ପାଇଁ କ୍ଷୁଦ୍ର ଜଳସେଚନ ବିଭାଗକୁ ବାରମ୍ବାର ଅନୁରୋଧ କରାଯାଇଥିଲେ ମଧ୍ୟ ଏଯାବତ୍ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ । ବିଭାଗୀୟ ସମନ୍ୱୟର ଅଭାବ ଓ ପ୍ରଶାସନିକ ଉଦାସୀନତା ଯୋଗୁଁ ଲକ୍ଷ୍ମୀଯୋରର ଅବସ୍ଥା ଦିନକୁ ଦିନ ଅଧିକ ଦୟନୀୟ ହେବାରେ ଲାଗିଛି । ତେଣୁ ନିମ୍ନ ଲିଖିତ ଦାବିକୁ ନେଇ ନଗର କଂଗ୍ରେସ ସଭାପତି ବୁଲୁ ଦାନୀଙ୍କ ନେତୃତ